## ସଂକ୍ଷେପରେ

### ହାଇଡ୍ରା ଚାଳକ ଗିରଫ

ରସୁଲପୁର,୨୦।୧(ରଞ୍ଜିତ ରାଉତ)

କୁଆଖିଆ ଥାନା ମୁଗୁପାଳ ପଞ୍ଚାୟତର ଗୁରୁ ସାହି ନିକଟ ୨୦ନଂ ଜାତୀୟ ରାଜପଥରେ ଶନିବାର ଘଟିଥିବା ଦୁର୍ଘଟଣାରେ ଯାଜପୁର ଟାଉନଅଞ୍ଚଳରବାଇକ୍‌ଚାଳକପାର୍ଥସାରଥୀ ଜେନାଙ୍କ ମୃତ୍ୟୁ ହୋଇଛି। ହାଇଡ୍ରା ଧକ୍କାରେ ତାଙ୍କର ମୃତ୍ୟୁ ହୋଇଥିବାରୁ ପୋଲିସ ସମ୍ପୃକ୍ତ ହାଇଡ୍ରା ଚାଳକଙ୍କୁ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ସେ ହେଲେ ଏହି ଥାନା ଗନ୍ଧଣ ଗ୍ରାମର କ୍ଷୀରୋଦ ମଲିକ। ଏନେଇ ଥାନାରେ ନଂ.୭/୨୫ରେ ମାମଲା ରୁଜୁ ହୋଇଛି।

### ରାମେଶ୍ୱର ମହାଦେବଙ୍କ ବାର୍ଷିକ ଉତ୍ସବ

ଝୁମ୍ପୁରୀ,୨୦।୧(ସରୋଜ ନାୟକ)

ଦଶରଥପୁର ବ୍ଲକ ଅକରପଡ଼ା ପଞ୍ଚାୟତସ୍ଥିତ ଆନ୍ଦୋଳା ପାଟଣା ସାଇ ହରିହାଟ ପରିସରରେ ପ୍ରଭୁ ରାମେଶ୍ୱରଙ୍କ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ନୂତନ ବୃଷଭ ପ୍ରତିଷ୍ଠା କରାଯାଇଥିଲା। ମନ୍ଦିର ପ୍ରତିଷ୍ଠାତା ସୁଦର୍ଶନ ମହାଳିକ ଓ ପତ୍ନୀ ପଦ୍ମାବତୀ ମହାଳିକ ସଙ୍କଳ୍ପ କରିଥିଲେ। ପଣ୍ଡିତ ଭୂପତିଭୂଷଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ପୂଜକ ସୁକଦେବ ଦାଶ, ପ୍ରଦୀପ ଦାଶ, ଶଙ୍କର୍ଷଣ ପତି ପ୍ରମୁଖ ଯଜ୍ଞ, ମନ୍ତ୍ର ଧ୍ୱନି, ପୂଜାର୍ଚ୍ଚନା କାର୍ଯ୍ୟ ସମ୍ପନ୍ନ କରିଥିଲେ। ପ୍ରଭାତ ପରିଡ଼ା, ମଧୁସୂଦନ ମହାଳିକ, ରବୀନ୍ଦ୍ର ରାଉତ, ବିଜୟ ମହାଳିକ, ସୁକଦେବ ବାରିକ, ବାମଦେବ ପରିଡ଼ା, ଶତ୍ରୁଘ୍ନ ମହାଳିକ, କାହ୍ନୁ ଚରଣ ମହାଳିକ ସହଯୋଗ କରିଥିଲେ।

### ଯକ୍ଷ୍ମା ନିରାକରଣ ସଚେତନତା ଶିବିର

ରସୁଲପୁର,୨୦।୧(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ରାଜେନ୍ଦ୍ରପୁର ପଞ୍ଚାୟତ ଅଙ୍ଗନୱାଡି କେନ୍ଦ୍ର ଆନୁକୂଲ୍ୟରେ ଜାତୀୟ ଯକ୍ଷ୍ମା ନିରାକରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ସମ୍ବଳ ଅଧିକାରୀ ଭାବରେ ଡା. ବସନ୍ତ କୁମାର ପଣ୍ଡା ଯୋଗଦେଇ ଯକ୍ଷ୍ମା ରୋଗ ବ୍ୟାପୀବାର କାରଣ ଓ ତା'ର ନିରାକରଣ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ରୋଗୀ ଯକ୍ଷ୍ମା ଆକ୍ରାନ୍ତ ହୋଇଥିଲେ ତାଙ୍କୁ ଅନ୍ୟୁନ୍ ୬ମାସ ପର୍ଯ୍ୟନ୍ତ ନିୟମିତ ଔଷଧ ସେବନ କରାଇବା ସହ କି ପ୍ରକାର ସଚେତନତା ପଦକ୍ଷେପ ଆପଣାଇବାକୁ ହେବ ସେ ଦିଗରେ ଡାକ୍ତର ପଣ୍ଡା ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇ କହିଥିଲେ। ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସରୋଜିନୀ ମହାନ୍ତି, ଟିକାକରଣ ମୁଖ୍ୟ ପରିଚାଳିକା କନକଲତା ସେଠୀ, ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ରୋଜି ଅଲ୍ଲୀ, ମହିଳା ସ୍ୱାସ୍ଥ୍ୟକର୍ମୀ ଧରିତ୍ରୀ ପାଢ଼ୀ, ଆଶାକର୍ମୀ ନୟନା ମଳିକ, ମିନତି ସାହୁ, ମିନାକ୍ଷୀ ସେଠୀ, କବିତା ପାତ୍ର, ଅଙ୍ଗନୱାଡି କର୍ମୀ ଜୟନ୍ତୀ ସେଠୀ, ମାମିନା ବାରିକ, ପଙ୍କଜିନୀ ମଲିକ ପ୍ରମୁଖ ଯୋଗଦେଇ ଯକ୍ଷ୍ମାରୋଗକୁ ନେଇ ସେମାନଙ୍କ ଅନୁଭୂତି ପ୍ରଦାନ କରିଥିଲେ।

### ଚିତ୍ରାଙ୍କନ ପ୍ରତିଯୋଗିତା

ଯାଜପୁର ଟାଉନ,୨୦।୧(ପ୍ରଯକ୍ତା ପ୍ରିୟଦର୍ଶନୀ ମହାନ୍ତି)

ଯାଜପୁର ବସଷ୍ଟାଣ୍ଡ ନିକଟରେ ଥିବା ସାଇ ଆର୍ଟ ଆଣ୍ଡ ଡ୍ୟାନ୍ସ କ୍ଲାସ୍ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୫ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଡ୍ରଇଂ ଶିକ୍ଷକ ବିଶ୍ୱନାଥ ଧଳଙ୍କ ସମେତ ଶିକ୍ଷୟିତ୍ରୀ ମୋନାଲିସା ସାହୁ, କଲ୍ୟାଣୀ ମହାନ୍ତି, ବିନିଶ୍ରୀ ମହାଳିକ, ଲିଟୁ ମହାପାତ୍ର ପ୍ରମୁଖ ପ୍ରତିଯୋଗିତାକୁ ପରିଚାଳନା କରିଥିଲେ। ପ୍ରତିଯୋଗିତାର ପ୍ରଥମ ଇପସ୍ମିତା ପ୍ରିୟଦର୍ଶନୀ, ୨ୟ ଅଭିଜ୍ଞ ଚନ୍ଦ୍ର, ୩ୟ ମନ୍ଦିପା ଚନ୍ଦ୍ର ଓ ଦେବାଂଶୀ ସାହୁଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟଅତିଥି ଭାବେ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଅଂଶଗ୍ରହଣ କରିଥିବା ସମସ୍ତ ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ଅପରାଧପ୍ରବଣ ହେଉଛି ଯାଜପୁର

ଯାଜପୁର,୨୦।୧(ହର୍ଷବର୍ଦ୍ଧନ ବେହେରା)




ଖଣି ଓ ଦ୍ରୁତ ଶିଳ୍ପାୟନ କାରଣରୁ ଯାଜପୁର ଜିଲାର ସାମାଜିକ, ଅର୍ଥନୈତିକ ଅବସ୍ଥାରେ ପରିବର୍ତ୍ତନ ଘଟିଛି। ଜିଲାର କଳିଙ୍ଗନଗରରେ ଶିଳ୍ପ ପ୍ରତିଷ୍ଠାରେ ପ୍ରତିଯୋଗିତା ଚାଲିଛି। ହେଲେ ଶିଳ୍ପ ବିକାଶ ସହ ତାଳ ଦେଇ ଯାଜପୁର ଜିଲାରେ ବୃଦ୍ଧି ପାଉଛି ଅପରାଧ। ଶିଳ୍ପାୟନ କାରଣରୁ ଜମି ଅଧିଗ୍ରହଣଠାରୁ ଆରମ୍ଭ କରି କର୍ମନିଯୁକ୍ତି, ଥଇଥାନ ଆଉ ନିୟୋଜିତ ଶ୍ରମିକଙ୍କ ବିଭିନ୍ନ ସମସ୍ୟାକୁ ନେଇ ଆନ୍ଦୋଳନ, ଅନଶନ ଲାଗି ରହିଥିବାରୁ ଜିଲା ପୋଲିସ ପ୍ରଶାସନ ପାଇଁ ଏହା ଅତିରିକ୍ତ ବୋଝ ପାଲଟିଛି। ଗଢ଼ି ଉଠିଥିବା ଶିଳ୍ପ ସଂସ୍ଥାରେ କର୍ମସଂସ୍ଥାନ ଉଦ୍ଦେଶ୍ୟରେ ଜିଲା ମଧ୍ୟକୁ ବାହାର ଲୋକଙ୍କ ବହୁଳ ଆଗମନ ଘଟି ଜନସଂଖ୍ୟା ବହୁଗୁଣିତ ହେବାରେ ଲାଗିଛି। ଏହାସାଙ୍ଗକୁ ବାହାର ଅପରାଧୀଙ୍କ ଆଗମନ ଯୋଗୁ ଅପରାଧ ବୃଦ୍ଧି ପାଇ ଜିଲାବାସୀଙ୍କ ଧନଜୀବନ ଅସୁରକ୍ଷିତ ହେବାରେ ଲାଗିଛି।

ପାଣିକୋଇଲିରେ ଗୁଳି ମାରି ୨ ଜଣଙ୍କୁ ହତ୍ୟା କରିବା ସହ ଅଳଙ୍କାର ଦୋକାନରୁ ଲୁଟ୍ ଘଟଣାକୁ ୨ ସପ୍ତାହ ଅତିକ୍ରାନ୍ତ ହୋଇସାରିଛି। କିନ୍ତୁ ଅଞ୍ଚଳବାସୀଙ୍କ ସହଯୋଗରେ ଯେଉଁ ୨ ଜଣ ଡକାୟତ ଧରାପଡିଛନ୍ତି, ସେଥିରେ ସୀମିତ ରହିଛି ପୋଲିସର ସଫଳତା। ଗୁରୁବାର ରାତିରେ ଯାଜପୁରରୋଡ୍ ଥାନା ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ଗାୟତ୍ରୀ ବିହାରରେ ଜଣେ ଭଡ଼ାଟିଆଙ୍କ ଘରର ତାଲା ଭାଙ୍ଗି ଚୋର କଳାକନା ବୁଲାଇଛନ୍ତି। ୧୫।୫।୨୦୨୩ରେ ଯାଜପୁର ରୋଡ୍ ସେନକୋ ଅଳଙ୍କାର ଦୋକାନରୁ ଡକାୟତି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ପୋଲିସ ଧରିବାରେ ବିଫଳ ହୋଇଛି। ଏହାପୂର୍ବରୁ ମଧ୍ୟ ଅଳଙ୍କାର ଦୋକାନରୁ ଲୁଟ୍ ହେବା ନଜିର ରହିଛି। ନାମୀଦାମୀ ଖଣି ଓ ଶିଳ୍ପସଂସ୍ଥା ତାଙ୍କର କାୟା ବିସ୍ତାର କରିସାରିଛନ୍ତି। ଏସବୁ ଶିଳ୍ପସଂସ୍ଥାରେ ବହୁ ହଜାର ସଂଖ୍ୟାରେ ଶ୍ରମିକ, କର୍ମଚାରୀ ନିୟୋଜିତ ରହିଛନ୍ତି। ପ୍ରାୟ ବହୁ ସମୟରେ ଶ୍ରମିକ ଅଶାନ୍ତି, ଦୁର୍ଘଟଣାଜନିତ ଉତ୍ତେଜନା, ରାସ୍ତାରୋକୋ ସାଙ୍ଗକୁ ଜମିହରାଙ୍କ ସମସ୍ୟାକୁ ନେଇ ଆନ୍ଦୋଳନ ଲାଗିରହିଛି। ଏହାସାଙ୍ଗକୁ କାରଖାନାଗୁଡ଼ିକରେ ହତ୍ୟା, ଦୁର୍ଘଟଣା, ଚୋରି, ମାରପିଟ, ଗଣ୍ଡଗୋଳ ନିୟମିତ ଘଟିଚାଲିଛି। ଅନେକ କଳକାରଖାନା ଏବଂ ଭୌଗୋଳିକ ସ୍ଥିତି ଦୃଷ୍ଟିରୁ ଏଠାରେ ବାହାର ରାଜ୍ୟ ଯଥା ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ଛତିଶଗଡ଼ର ଅପରାଧୀଙ୍କୁ ଆତ୍ମଗୋପନ କରିବାରେ ସହାୟକ ହେଉଛି। ସେମାନେ ସୁଯୋଗ ଦେଖି ଏଠାରେ ଅପରାଧ ଘଟାଇ ଖସିଯିବାରେ ସକ୍ଷମ ହେଉଛନ୍ତି। ଉପରୋକ୍ତ ଦୁଇ ସୁନା ଅଳଙ୍କାର ଦୋକାନରେ ଲୁଟ୍‌ପାଟ ଘଟଣାରେ ସମସ୍ତ ଅପରାଧୀ ଧରା ନ ପଡ଼ିବା ଏହାର ଉଦାହରଣ ବୋଲି କୁହାଯାଉଛି।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁସାରେ ଗତ ୫ ବର୍ଷ ମଧ୍ୟରେ ଜିଲାରେ ଦଳିତ ଆଦିବାସୀଙ୍କ ଉପରେ ଜାତିଗତ ନିର୍ଯାତନା ୧୩୦୧ଟି ମାମଲା ରୁଜୁ ହୋଇଛି। ଏଥିରେ ୧୨ଟି ହତ୍ୟା, ୮୬ ବଳାତ୍କାର, ୬୮ ଜମିବାଡ଼ି ଗଣ୍ଡଗୋଳ, ୮ ଘରପୋଡ଼ି ଏବଂ ୧୧୨୫ଟି ଜାତିଗତ ମାମଲା ରହିଛି। ଅନ୍ୟପକ୍ଷେ ପୋଲିସ ପକ୍ଷରୁ ୨୪୪ଟି ମାମଲା ମିଥ୍ୟା ବୋଲି ପ୍ରମାଣିତ କରାଯାଇଛି। ୨୩୦ ମାମଲାରେ ଯୁଗ୍ମ ତଦନ୍ତ ରିପୋର୍ଟ ହୋଇପାରି ନ ଥିବା ବେଳେ ୫୦୦ରୁ ଊର୍ଦ୍ଧ୍ୱ ମାମଲାରେ ଚାର୍ଜଶିଟ ଦାଖଲ କରାଯାଇପାରିନାହିଁ। ଏଥିରୁ ସ୍ପଷ୍ଟ ଯେ, ଜିଲାରେ ଗତ ୧୦ ବର୍ଷରେ ଅପରାଧ ପ୍ରବଣତା ଯଥେଷ୍ଟ ବୃଦ୍ଧି ପାଇଛି। ଏହାପଛରେ ପୋଲିସ ପ୍ରଶାସନରେ ଦୁର୍ବଳ କାର୍ଯ୍ୟଦକ୍ଷତା, ପରିଚାଳନାଗତ ଅପାରଗତା, ବର୍ଷ ବର୍ଷ ଧରି ଗୋଟିଏ ସ୍ଥାନ ମାଡ଼ି ବସି ରହିଥିବା ଅଧିକାରୀଙ୍କ ଅସାଧୁ କାର୍ଯ୍ୟ ଓ ନିଷ୍କ୍ରିୟତା ଭଳି ବହୁ କାରଣ ରହିଥିବା କୁହାଯାଉଛି।

# ୮୮ ଅଭିଯୋଗର ତତ୍କାଳ ସମାଧାନ

## ଜିଲାପାଳଙ୍କ ଜନଅଭିଯୋଗ ଶୁଣାଣି ଶିବିର



ଜିଲାପାଳ ଓ ଅନ୍ୟ ଅଧିକାରୀ ଅଭିଯୋଗ ଶୁଣୁଛନ୍ତି।

ରସୁଲପୁର,୨୦।୧(ରଞ୍ଜିତ ରାଉତ)

ରସୁଲପୁର ବ୍ଲକ ସମ୍ମିଳନୀ କକ୍ଷରେ ଯାଜପୁର ଜିଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ନେତୃତ୍ୱରେ ଶିବିର ଆୟୋଜନ ହୋଇଥିଲା। ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗଦେଇ ଜନସାଧାରଣଙ୍କ ଅଭିଯୋଗ ଶୁଣିବା ସହ ସମସ୍ୟା ସମାଧାନ ଦିଗରେ ତ୍ୱରିତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ୧୮୦ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥି ମଧ୍ୟରୁ ୮୮ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଅଭିଯୋଗଗୁଡ଼ିକ ମଧ୍ୟରୁ ବ୍ୟକ୍ତିଗତ ଭାବରେ ୧୦୪, ସାମୂହିକ ସମସ୍ୟାକୁ ନେଇ ୮, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ଚିକିତ୍ସା ପାଇଁ ୬୮ ଅଭିଯୋଗ ଆସିଥିଲା। ଶିବିରରେ ରାଜ୍ୟସଭା ସଦସ୍ୟା ସୁଲତା ଦେଓ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଅନିରୁଦ୍ଧ ରାଉତରାୟ, ଅତିରିକ୍ତ ଜିଲାପାଳ(ସାଧାରଣ ପ୍ରଶାସନ) ନବକୃଷ୍ଣ ଜେନା, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶୋକ କୁମାର ବେଉରିଆ, ଉପଜିଲାପାଳ ଅଂଶୁମାନ ଶତପଥୀ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରକାଶ ଚନ୍ଦ୍ର ବଳ, ଅଭିଯୋଗ ପ୍ରକୋଷ୍ଠର ସହକାରୀ ଜିଲାପାଳ ନିବେଦିତା ପ୍ରଧାନ, ରସୁଲପୁର ତହସିଲଦାର ନିରଞ୍ଜନ ସାହୁ, ବିଡିଓ ସତ୍ୟାନନ୍ଦ ଦାଶ, ବ୍ଲକ ଶିକ୍ଷାଧିକାରୀ ନିଳାମ୍ବର ମିଶ୍ରଙ୍କ ସମେତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଯୋଗଦେଇ ଅଭିଯୋଗ ଶୁଣାଣି କରିଥିଲେ। ଏବିଡିଓ ଦିବ୍ୟକାନ୍ତି ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ସୋନାଲି ଧଳ, ସମସ୍ତ କନିଷ୍ଠ ଯନ୍ତ୍ରୀ, ନିର୍ବାହୀ ଅଧିକାରୀଙ୍କ ସମେତ ବ୍ଲକ ଅଧୀନ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଶିବିରକୁ ପରିଚାଳନା କରିଥିଲେ।

# ପ୍ରଥମ ଦିନରେ ୨୩୯ କୁଇଣ୍ଟାଲ ଧାନ ଉଠିଲା



ଚୋରମୁହାଁ ମଣ୍ଡିରେ ଧାନ କିଣାକୁ ଅଧିକାରୀମାନେ ଯାଞ୍ଚ କରୁଛନ୍ତି।

ଧର୍ମଶାଳା,୨୦।୧(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ବ୍ଲକ୍ ଜାରକାସ୍ଥିତ ଚୋରମୁହାଁ ପ୍ରାଥମିକ କୃଷି ସମବାୟ ସମିତି ମଣ୍ଡିରୁ ସୋମବାର ପ୍ରଥମ ଦିନରେ ୨୩୯ କୁଇଣ୍ଟାଲ ଧାନ ୭ ଜଣ ଚାଷୀଙ୍କଠାରୁ କିଣାଯାଇଛି। ଏହି ମଣ୍ଡିକୁ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ଗତ ୧୫ ତାରିଖରେ ଉଦ୍‌ଘାଟନ କରିଥିଲେ। ସମବାୟ ସମିତିର ୩୦୦ ପଞ୍ଜୀକୃତ ଚାଷୀଙ୍କଠାରୁ ୫ଜଣ ମିଲର ୯ହଜାର ୬୯୫କୁଇଣ୍ଟାଲ ଧାନ ସଂଗ୍ରହ କରିବା ପାଇଁ ସ୍ଥିରୀକୃତ ହୋଇଛି।

ରବିବାର, ଗୁରୁବାର ଓ ଛୁଟିଦିନ ବ୍ୟତୀତ ଅନ୍ୟ ସମସ୍ତ ଦିନରେ ଧାନ ସଂଗ୍ରହ କରାଯିବ। ମହାବଳୀ ମିଲର୍ ୨ ହଜାର କୁଇଣ୍ଟାଲ୍ ଧାନ କିଣିବା ପାଇଁ ଲକ୍ଷ ଧାର୍ଯ୍ୟ ହୋଇଥିବାବେଳେ ସେ ପ୍ରଥମ ଦିନରେ ୨୩୯.୩୧ କୁଇଣ୍ଟାଲ ଧାନ କିଣିଛି। ମଙ୍ଗଳବାର ୧୨ଜଣ ଚାଷୀଙ୍କଠାରୁ ୬୫୦ କୁଇଣ୍ଟାଲ୍ ଧାନ କିଣାଯିବା ପାଇଁ ସ୍ଥିର କରାଯାଇଛି। ବ୍ଲକ୍ ଯୋଗାଣ ନିରୀକ୍ଷକ ତପସ୍ୱିନୀ ବିଶ୍ୱାଳ, ଆର୍‌ଏମ୍‌ସି ପକ୍ଷରୁ ମୋନାଲିସା ପ୍ରଧାନ, ନୋଡାଲ ଅଫିସର ଦେବବ୍ରତ ମାହୁନ୍ତ ପ୍ରମୁଖ ଉପସ୍ଥିତ ରହି ଧାନର ମାନ ଯାଞ୍ଚ କରିବା ସହିତ ସହଯୋଗ କରିଥିଲେ ବୋଲି ସମବାୟ ସମିତି ମୁଖ୍ୟ କାର୍ଯ୍ୟନିର୍ବାହୀ ଶମ୍ଭୁଦତ୍ତ ମହାନ୍ତି ସୂଚନା ଦେଇଛନ୍ତି।

### ଶାନ୍ତିପୁର ପଞ୍ଚାୟତରେ ଜନଅଭିଯୋଗ ଶୁଣାଣି

ଚଣ୍ଡିଖୋଲ,୨୦।୧(ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ବ୍ଲକ ଅନ୍ତର୍ଗତ ଶାନ୍ତିପୁର ପଞ୍ଚାୟତରେ ବ୍ଲକସ୍ତରୀୟ ଜନଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଡିଓ ରବୀନ୍ଦ୍ର କୁମାର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀ, ଗ୍ରାମ ପଞ୍ଚାୟତ ଅଧିକାରୀ ମାନସ କୁମାର ଜେନା ପ୍ରମୁଖ ଯୋଗଦେଇ ଅଭିଯୋଗ ଶୁଣିଥିଲେ। ଏଥିରେ ସମୁଦାୟ ୩୮୭ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ଗ୍ରାମୀଣ ଘର ନିମନ୍ତେ ସର୍ବାଧିକ ୧୬୩ ଅଭିଯୋଗ ଗ୍ରହଣ କରାଯାଇଥିଲା। ପାନୀୟଜଳ ସମସ୍ୟା ନେଇ ୩, ରାଶନ ସମ୍ପର୍କିତ ୪୮, ଏମଜିଏନ୍‌ଆର୍‌ଇଜିଏସ ୮, ବାର୍ଦ୍ଧକ୍ୟ ଭତ୍ତା ଜନିତ ୪୧ ସମନ୍ୱିତ ଶିଶୁ ବିକାଶ ବିଭାଗର ୧୧ ରାଜସ୍ୱ ସମ୍ପର୍କିତ ୬ ସୁଭଦ୍ରା ଯୋଜନା ୪ ଓ ଅନ୍ୟାନ୍ୟ ୧୦୩ ଅଭିଯୋଗ ପଞ୍ଜୀକୃତ ହୋଇଥିବା ବ୍ଲକ ପକ୍ଷରୁ ସୂଚନା ମିଳିଛି।

### ମାଗଣା ସ୍ୱାସ୍ଥ୍ୟସେବା ଶିବିର

ଚଣ୍ଡିଖୋଲ,୨୦।୧(ପ୍ରଦୀପ୍ତ କୁମାର ପୃଷ୍ଟି)

ବଡ଼ଚଣା ବ୍ଲକ ଅନ୍ତର୍ଗତ ମାଣ୍ଡୁକା ପଞ୍ଚାୟତ ପଦ୍ମନାଭପୁର ନିକଟ ଅଶିଳା ଯଜ୍ଞ ପଡ଼ିଆଠାରେ ନୈତିକ ଚ୍ୟାରିଟି ଓ ଅଶିଳା ଗ୍ରାମବାସୀଙ୍କ ଉଦ୍ୟମରେ ପଲ୍ଲି ହସ୍ପିଟାଲ ପତରାଜପୁର ସହାୟତାରେ ମାଗଣା ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ମୁଖ୍ୟଅତିଥି ଭାବେ ମାଣ୍ଡୁକା ପଞ୍ଚାୟତ ମଧ୍ୟ ଇଂରାଜି ବିଦ୍ୟାଳୟ ପ୍ରଧାନଶିକ୍ଷକ ଅରବିନ୍ଦ ସାମଲ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଶିବିରରେ ଡା. ସଞ୍ଜୟ କୁମାର ପରିଡ଼ା, ଡା. ଶରତ ଚନ୍ଦ୍ର ରାଉତ ପ୍ରମୁଖ ଯୋଗଦେଇ ରୋଗୀ ସେବା କାର୍ଯ୍ୟ ସମାପନ କରିଥିଲେ। ନୈତିକ ଚ୍ୟାରିଟି ଅଧ୍ୟକ୍ଷ ନରେନ୍ଦ୍ର କୁମାର ବେହେରାଙ୍କ ମୁଖ୍ୟ ପରିଚାଳନାରେ ହସ୍ପିଟାଲର ମ୍ୟାନେଜର ମାନସ ନାୟକ, ଶୁଭଶ୍ରୀ ଦାସ, ଶୁଭସ୍ମିତା ସାହୁ, ସୁପରଭାଇଜର ମୃତ୍ୟୁଞ୍ଜୟ ଦାସ ଯୋଗଦେଇ ଶତାଧିକ ରୋଗୀଙ୍କୁ ସେବା ଯୋଗାଇଥିଲେ। ନିମାଇଁ କର, ସଞ୍ଜୟ କର, ଶିବାନନ୍ଦ କର, ଅରୁଣ ବେହେରା, ବିକ୍ରମ ପାତ୍ର, ଦୀପକ ବେହେରା, ଗଣେଶ୍ୱର ପରମାଣିକ, ଗଣପତି କର, ଈଶ୍ୱର କର ଓ ମନ୍ମଥ କର ସହଯୋଗ କରିଥିଲେ।

# ଠିକାଦାର, ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି

## ସ୍ଲାଇଡରରୁ ପଡ଼ି ଚତୁର୍ଥ ଶ୍ରେଣୀ ଛାତ୍ର ମୃତ୍ୟୁ ଘଟଣା

କଳିଙ୍ଗନଗର,୨୦।୧(ଶୁଭାଶିଷ ରାଉତ)

ଦାନଗଦି ବ୍ଲକ ଅନ୍ତର୍ଗତ ଦେଉଳକଣ ପଞ୍ଚାୟତ ନୟାବଗପାଟିଆ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ସିମେଣ୍ଟ ସ୍ଲାଇଡର ସୁରକ୍ଷା ବାଡ଼ା ଭାଙ୍ଗି ନୟାବଗପାଟିଆ ଗ୍ରାମର ନବଘନ ସାହୁ ଓ ମଞ୍ଜୁଲତା ସାହୁଙ୍କ ଏକମାତ୍ର ପୁଅ ସୌମ୍ୟରଞ୍ଜନ ସାହୁ(୯)ଙ୍କ ମୃତ୍ୟୁ ହୋଇଛି। ୪ର୍ଥ ଶ୍ରେଣୀରେ ପଢୁଥିବା ଏହି ଛାତ୍ରଙ୍କ ମୃତ୍ୟୁ ନେଇ ତାଙ୍କ ପରିବାର ପକ୍ଷରୁ ଶିକ୍ଷକଙ୍କ ଅବହେଳାକୁ ଦାୟୀ କରଯାଇ ଥାନାରେ ଅଭିଯୋଗ କରାଯାଇଛି। ଟମକା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅନ୍ୟପକ୍ଷରେ ସ୍ଲାଇଡର ଭାଙ୍ଗିବା ପଛରେ ଠିକାଦାର ଓ କନିଷ୍ଠଯନ୍ତ୍ରୀ ମଧ୍ୟ କାହିଁକି ଦାୟୀ ହେବେ ନାହିଁ ବୋଲି ସ୍ଥାନୀୟ ଅଞ୍ଚଳରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବ୍ଲକ୍ ଅଧୀନ ବିଭିନ୍ନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମରାମତି କାର୍ଯ୍ୟ ପାଇଁ ଜିଲା ଖଣିଜ ନ୍ୟାସ ପାଣ୍ଠିରୁ ୧୦ ଲକ୍ଷ ଟଙ୍କାର ଅନୁଦାନ ଆସିଥିଲା। ଯାହାକି ୮ମାସ ତଳେ ଏହି କାର୍ଯ୍ୟ ଶେଷ ହୋଇଥିଲା। ମାତ୍ର ଠିକାସଂସ୍ଥା କେବଳ ନାମକୁ ମାତ୍ର କାମ କରି ରଙ୍ଗ ମାରି ଟଙ୍କା ନେଇଥିବା ଅଭିଯୋଗ ହୋଇଛି। ବିଭାଗୀୟ ଯନ୍ତ୍ରୀ ମଧ୍ୟ କାର୍ଯ୍ୟକୁ ଠିକରେ ତଦାରଖ ନ କରି ବିଲ ପାସ କରାଇ ଦେଇଛନ୍ତି। ଫଳରେ ଠିକା କାର୍ଯ୍ୟରେ ଅବହେଳା ଯୋଗୁ ନିରୀହ ଶିଶୁର ଜୀବନ ଯାଇଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିବା ସହ ଠିକାଦାର ଓ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ଗୋପୀନାଥ ଜୀଉ ମନ୍ଦିର ପ୍ରତିଷ୍ଠା ଉତ୍ସବ



ପାଣିକୋଇଲି,୨୦।୧(ବିକାଶ ମଲ୍ଲିକ)

କୋରେଇ ବ୍ଲକ ଅନ୍ତର୍ଗତ ପଥରପଦା ପଞ୍ଚାୟତ ଓରିନ୍ଦା ଗ୍ରାମରେ ଶ୍ରୀଶ୍ରୀ ଗୋପୀନାଥ ଜୀଉଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂର୍ଣ୍ଣତୋୟା ବୈତରଣୀ ନଦୀର ଲିଙ୍ଗେଶ୍ୱର ଘାଟରୁ କଳସ ଯାତ୍ରା ବାହାରି ଗ୍ରାମରେ ପହଞ୍ଚିଥିଲା। ଶତାଧିକ ମହିଳା ଏହି କଳସ ଯାତ୍ରାରେ ଯୋଗଦେଇଥିଲେ। ଗ୍ରାମବାସୀ ସହଯୋଗ କରିଥିଲେ। ପାଣିକୋଇଲି ମା' ତାରିଣୀ ମନ୍ଦିରରୁ ଶୋଭଯାତ୍ରା, ନାମ ସଂକୀର୍ତ୍ତନ ବାହାରି ଯଜ୍ଞ ମଣ୍ଡପରେ ପହଞ୍ଚିଥିଲା। ଆଚାର୍ଯ୍ୟ ରଘୁନାଥ ପାଢ଼ୀ, ମୋହନ ଚରଣ ପାଢ଼ୀ, ପରମାନନ୍ଦ ଶତପଥୀ, ରାଧାକାନ୍ତ ଶତପଥୀ, ପ୍ରଫୁଲ୍ଲ ପାଢ଼ୀଙ୍କ ତତ୍ତ୍ୱାବଧାନରେ କର୍ତ୍ତା ଭାବେ ସୁବାସ ଧଳ, ଶ୍ୱେତପଦ୍ମା ଧଳ, ଶରତ ଚନ୍ଦ୍ର ଦାଶ, ଗୀତାଞ୍ଜଳି ଦାଶ, କୃଷ୍ଣଚନ୍ଦ୍ର ପାଢୀ ଓ ସୁକାନ୍ତି ପାଢ଼ୀ ସକ୍ରିୟ କାର୍ଯ୍ୟ ତୁଲାଇଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସତିସ ଧଳ, ଆଲୋକ ବେହେରା, ଅଚ୍ୟୁତାନନ୍ଦ ସାହୁ, ସୁରେଶ ଧଳ, ଶିବପ୍ରସାଦ ଗିରି, ପ୍ରକାଶ ମଲିକ, ଅକ୍ଷୟ ସାମଲ, ଭିମସେନ ଦାସ, ନଣ୍ଡା ଦାସ, କାଳିଆ ବାରିକ, ଅରୁଣ ଆରଣଙ୍କ ସମେତ ଗ୍ରାମର ସମସ୍ତ ଯୁବଗୋଷ୍ଠୀ ସହଯୋଗ କରିଥିଲେ।

# ମୂଳାପାଳ ଶିଶୁ ବିଦ୍ୟାମନ୍ଦିରର ସ୍ୱଚ୍ଛତା ଅଭିଯାନ



ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଏବଂ ଅନ୍ୟମାନେ।

ପାଣିକୋଇଲି,୨୦।୧(ବିକାଶ ମଲ୍ଲିକ)

କୋରେଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଞ୍ଚାୟତ ଲିଙ୍ଗେଶ୍ୱର ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଦ୍ୟାମନ୍ଦିର ପରିସର, ଲିଙ୍ଗେଶ୍ୱର ବିହାର ପରିସରକୁ ସଫେଇ କରାଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସ୍କାଉଟ ଓ ଗାଇଡ ଛାତ୍ରୀଛାତ୍ର, ପରିଚାଳନା କମିଟି, ଲିଙ୍ଗେଶ୍ୱର ଉନ୍ନୟନ କମିଟି ଓ ଗୁରୁଜୀଗୁରୁମା ଭାଗ ନେଇଥିଲେ। ପ୍ରଧାନ ଆଚାର୍ଯ୍ୟ ନରେନ୍ଦ୍ର କୁମାର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ରାଜପଥ ପାଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ, ସାମ୍ବାଦିକ ସୁବାସ ଧଳ, ମନୋଜ ସାହୁ, ମାନସ ଧଳ, ଲିଙ୍ଗେଶ୍ୱର ଉନ୍ନୟନ କମିଟିର ସଭାପତି ବିଷ୍ଣୁଚରଣ ଧଳ, ସମ୍ପାଦକ ଗୋଲକ ଚନ୍ଦ୍ର ମାଝୀ, ଉପସଭାପତି ବାସୁଦେବ ପରିଡ଼ା, କୋଷାଧ୍ୟକ୍ଷ ମଦନ ମୋହନ ମାଝୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବୃନ୍ଦାବନ ସାହୁ, ସମ୍ପାଦକ ଦିଲୀପ କୁମାର ଧଳ, ଉପସଭାପତି ଶଙ୍କର୍ଷଣ ପରିଡ଼ା, ଯୁଗ୍ମ ସମ୍ପାଦକ ରାଜକିଶୋର ମଲ୍ଲିକ, କୋଷାଧ୍ୟକ୍ଷ କୈଳାସ ଚନ୍ଦ୍ର ସାହୁ, ମାଳଆନନ୍ଦପୁର ପୂର୍ବତନ ସରପଞ୍ଚ ରାଜକିଶୋର ସ୍ୱାଇଁ, ସହପ୍ରଧାନ ଆଚାର୍ଯ୍ୟ ଜଗନ୍ନାଥ ଗୁରୁଜୀ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳା କଲେଜରେ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର




ଆତ୍ମରକ୍ଷା ପ୍ରଶିକ୍ଷଣ ନେଇଥିବା ଛାତ୍ରୀଙ୍କୁ ଅଧକ୍ଷା ପ୍ରମାଣପତ୍ର ପ୍ରଦାନ କରୁଛନ୍ତି।

ଧର୍ମଶାଳା,୨୦।୧(ବଟକୃଷ୍ଣ ପରିଡ଼ା)

ଧର୍ମଶାଳା ମହିଳା ଜୁନିୟର୍ କଲେଜର ଛାତ୍ରୀ ଆତ୍ମରକ୍ଷା ପ୍ରଶିକ୍ଷଣ ଶିବିର ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିର ୧୦ତାରିଖରେ ଉଦ୍‌ଘାଟିତ ହୋଇଥିଲା। ପ୍ରଶିକ୍ଷିକା ଭାବେ ଜ୍ୟୋସ୍ନା ନନ୍ଦ ଯୋଗ ଦେଇ ଛାତ୍ରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ କଲେଜ ଅଧକ୍ଷା କବିତା ସାମଲ ଅଧକ୍ଷତା କରି ଛାତ୍ରୀମାନଙ୍କୁ ଆତ୍ମରକ୍ଷା ପ୍ରଶିକ୍ଷଣର ଉପକାରିତା ସମ୍ପର୍କରେ ସୂଚନା ଦେଇଥିଲେ। ୧୨୬ ଜଣ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଅଧ୍ୟାପିକା ପ୍ରଭାସିନୀ ପ୍ରଧାନ ଓ ସଂଯୋଜିକା ସୁନିତା ମହାନ୍ତି ଶିକ୍ଷା ସହ ଆତ୍ମରକ୍ଷା ପ୍ରଶିକ୍ଷଣର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ପ୍ରଶିକ୍ଷଣ ନେଇଥିବା ଛାତ୍ରୀମାନଙ୍କୁ ଅଧକ୍ଷା ସାମଲ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଅଧ୍ୟାପିକା ମାଙ୍ଗଳିକା ଦାଶ, ସୋନାଲି ସାହୁ ଓ ସୁଚିତ୍ରା ରାଉତ ସହଯୋଗ କରିଥିଲେ।

# ସୋଲବନ୍ଧି, ଜଳନ୍ଧା ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀ ସଂଖ୍ୟା ବଢ଼ିବ

ରଗଡ଼ି,୨୦।୧(ଜତିଶ କୁମାର ମଲ୍ଲିକ)

କୋରେଇ ବ୍ଲକ ଅଧୀନ ଅସନଝର ପଞ୍ଚାୟତ ସୋଲବନ୍ଧି ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ କନ୍ତୋର ପଞ୍ଚାୟତର ଜଳନ୍ଧା ସରକାରୀ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀ ସଂଖ୍ୟା ବୃଦ୍ଧି ପାଇଁ ସରକାରୀ ନିର୍ଦ୍ଦେଶନାମା ଜାରି ହୋଇଛି। ସୋଲବନ୍ଧୀ ପ୍ରାଥମିକ ବିଦ୍ୟାଳୟକୁ ଉନ୍ନୀତ କରାଯାଇ ସେଠାରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀ ଖୋଲିବାକୁଆବଶ୍ୟକ ପଦକ୍ଷେପ ନେବା ପାଇଁ ଗଣଶିକ୍ଷା ବିଭାଗ ପକ୍ଷରୁ ପତ୍ର ସଂଖ୍ୟା ୧୦୮୯ ଓ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ପତ୍ର ସଂଖ୍ୟା ୧୦୯୦ରେ ଜିଲା ଶିକ୍ଷାଧିକାରୀଙ୍କୁ ଏହି ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଜଳନ୍ଧା ପ୍ରାଥମିକ ବିଦ୍ୟାଳୟର ଆଉ ୨ ଶ୍ରେଣୀ ଷଷ୍ଠ ଓ ସପ୍ତମ ଖୋଲାଯିବା ପାଇଁ ପଦକ୍ଷେପ ନେବାକୁ ରାଜ୍ୟ ଶିକ୍ଷା ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସ ପତ୍ର ସଂଖ୍ୟା ୫୨୧ରେ ଜିଲା ଶିକ୍ଷାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ଏଠାରେ ପ୍ରାଥମିକ ବିଦ୍ୟାଳୟ ଥିବା ବେଳେ ଗ୍ରାମବାସୀଙ୍କ ଉଦ୍ୟମରେ ୧୯୮୮ରେ ଜଗନ୍ନାଥ ଉପ୍ରା ବିଦ୍ୟାଳୟ ଖୋଲାଯାଇଥିଲା। ଯେଉଁଠି କି ଷଷ୍ଠ ଓ ସପ୍ତମ ଶ୍ରେଣୀଥିଲା। ଗୋଟିଏ କ୍ୟାମ୍ପସ ମଧ୍ୟରେ ଦୁଇଟି ସ୍କୁଲ ରହିଥିଲା। ଉପ୍ରା ସ୍କୁଲରେ ୨ ଶିକ୍ଷକ ନିଯୁକ୍ତି ପାଇଥିବାବେଳେ ୨୦୦୫ରେ ଜଣେ ଶିକ୍ଷକଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା। କେବଳ ପ୍ରଧାନଶିକ୍ଷକ ସ୍କୁଲ ଚଳାଉଥିଲେ। ଗତ ବର୍ଷ ଜାନୁଆରୀ ୩୧ରେ ସେ ଅବସର ନେବାରୁ ସ୍କୁଲ ବନ୍ଦ ହୋଇ ଯାଇଥିଲା। ସ୍କୁଲ ବନ୍ଦ ହେବା ଜାଣି ପରିଚାଳନା କମିଟି ଓ ଗ୍ରାମବାସୀ ସ୍ଥାନୀୟ ବିଧାୟକଙ୍କୁ ଏସମ୍ପର୍କରେ ଆଲୋଚନା କରି ଏଠାରେ ଥିବା ପ୍ରାଥମିକ ସ୍କୁଲକୁ ଅପ୍ ଗ୍ରେଡେସନ କରି ଉପ୍ରା ସ୍କୁଲ ମାନ୍ୟତା ଦେବାକୁ ଦାବି କରିଥିଲେ। ଦାବିସଫଳ ହୋଇଥିବାରୁ ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି। ସେହିପରି ସୋଲବନ୍ଧୀ ନବୀନ-ନୀଳକଣ୍ଠ ଉପ୍ରା ସ୍କୁଲରେ କାର୍ଯ୍ୟରତ ୨ ଶିକ୍ଷକ ଅବସର ନେଇଥିବାରୁ ସ୍କୁଲ ଗତ ଜୁନ୍‌ରୁ ବନ୍ଦ ହୋଇଯାଇଛି। ଫଳରେ ଛାତ୍ରୀଛାତ୍ର ଉଚ୍ଚ ପ୍ରାଥମିକ ଶିକ୍ଷା ଲାଭରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମନୋଜ ବାରିକ, ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟରାମ ବେହେରା, ଅବସରପ୍ରାପ୍ତ ବିଇଓ ବେଣୁଧର ସ୍ୱାଇଁ, ପୂର୍ବତନ ଶିକ୍ଷକ ନେତା ଗୋଲକ ବିହାରୀ ରାଉତଙ୍କ ଉଦ୍ୟମ ଓ କୋରେଇ ବିଧାୟକ ଆକାଶ ଦାସନାୟକ, ଶିକ୍ଷା ବିଭାଗ ପଦାଧିକାରୀ, କୋରେଇ ଶିକ୍ଷା ମଣ୍ଡଳ ଅଧିକାରୀ ସୁଦର୍ଶନ ମଲ୍ଲିକଙ୍କ ସହଯୋଗରେ ଏହା ସମ୍ଭବ ହୋଇପାରିଛି ବୋଲି ସ୍କୁଲ କମିଟି ଓ ଗ୍ରାମବାସୀ କହିଛନ୍ତି।

# ଜୁଆ ଆଡ୍ଡା ଉପରେ ଚଢ଼ାଉ, ୧୮ ଗିରଫ

■୨୧ ଗାଡ଼ି,୨.୧୧ ଲକ୍ଷ ଟଙ୍କା ଜବତ
■ନୟାଗଡ଼,ଗଞ୍ଜାମ ଜିଲା ସୀମାରେ ଚାଲିଥିଲା ଜୁଆଖେଳ

ନୟାଗଡ଼/ଓଡଗାଁ,୨୦ା୧(ଲୋକନାଥ ମିଶ୍ର/ଆଦର୍ଶ କୁମାର ପଟ୍ଟନାୟକ)





ଗିରଫ ଅଭିଯୁକ୍ତ, ଜବତ କରାଯାଇଥିବା ସାମଗ୍ରୀ ଓ ଟଙ୍କା।

ନୟାଗଡ଼ ଜିଲା ପୋଲିସର ଏକ ସ୍କ୍ୱାର୍ଡ ନୟାଗଡ଼ ଓ ଗଞ୍ଜାମ ଜିଲାର ସୀମାନ୍ତ ଅଞ୍ଚଳ ରୋହିବାଙ୍କସ୍ଥିତ ସମ୍ଭବ ଅନୁଷ୍ଠାନ ନିକଟସ୍ଥ କାଜୁ ଜଙ୍ଗଲରେ ରବିବାର ରାତିରେ ଚଢ଼ାଉ କରି ଗିରଫ କରିଥିବା ୨୦ ଜଣଙ୍କ ମଧ୍ୟରୁ ୧୮ଜଣଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। କୋର୍ଟରେ ୧୮ଜଣଙ୍କୁ ଜାମିନ ମିଳିଛି । ୨ ନାବଳକଙ୍କୁ ପୋଲିସ ଥାନାରୁ ଜାମିନ ଦେଇଛି। ଗିରଫ ଅଭିଯୁକ୍ତଙ୍କଠାରୁ ୨ ଲକ୍ଷ ୧୧ ହଜାର ୪୦୬ ଟଙ୍କା, ୩ ସ୍କୁଟି, ୧୫ ବାଇକ, ୨ କାର, ଗୋଟିଏ ଅଟୋ ଜବତ କରାଯାଇଛି। ଅନ୍ୟପକ୍ଷେ ୨୧ ମୋବାଇଲ ଫୋନ, ଷ୍ଟାମ୍ପ, ସିଲ, ଛୁରି, ଦିଆସିଲ,ନୋଟପ୍ୟାଡ ଆଦି ଜବତ କରାଯାଇଥିବା ନୟାଗଡ଼ ଏସପି ଏସ୍ ସୁଶ୍ରୀ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ଏସ୍‌ପିଙ୍କ ସୂଚନା ଅନୁସାରେ ଓଡ଼ଗାଁ ଥାନା ଏସ୍‌ଆଇ ବୈକୁଣ୍ଠ ନାଥ ସ୍ୱାଇଁଙ୍କ ଅଭିଯୋଗକୁ ଭିତ୍ତି କରି ଗତ ୧୯ ତାରିଖରେ ଏକ ମାମଲା(ନଂ.୧୫/୨୫)ରୁଜୁ କରାଯାଇ ଓଡ଼ଗାଁ ଥାନା ଆଇଆଇସି ରଶ୍ମି ରଞ୍ଜନ ସାହୁଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି। ଖବରଦାତା ସମ୍ମିଳନୀରେ ନୟାଗଡ ଅତିରିକ୍ତ ଏସ୍‌ପି ସନାତନ କାଲୋଙ୍କ ସମେତ ଏକାଧିକ ଅଧିକାରୀ ଉପସ୍ଥିତ ଥିଲେ।

### ରୋହିବାଙ୍କ ସରପଞ୍ଚଙ୍କ ଷ୍ଟାମ୍ପ ଜବତ

ଜୁଆ ଆଡ୍ଡାରୁ ପୋଲିସ ଜବତ କରିଥିବା ଏକ ସ୍କୁଟି(ନଂ.ଓଡି୨୫କେ ୮୪୧)ରୁ ରୋହିବାଙ୍କ ସରପଞ୍ଚ ଲେଖାଥିବା ୨ଟି ଷ୍ଟାମ୍ପ ମିଳିଥିବା ଓଡ଼ଗାଁ ଥାନାର ସେକେଣ୍ଡ ଅଫିସର ଚକ୍ରଧର ସିଂ କହିଛନ୍ତି। ପ୍ରଶ୍ନ ଉଠିଛି ଯେଉଁ ସ୍କୁଟି ଜବତ ହୋଇଛି ତାହା ରୋହିବାଙ୍କ ସରପଞ୍ଚଙ୍କ ନାଁ ଅନ୍ୟ କାହାର। ଯଦି ସରପଞ୍ଚଙ୍କ ତେବେ ସେ ଜୁଆଖେଳୁଥିଲେ ନାଁ ତାଙ୍କ ସ୍କୁଟି ଅନ୍ୟ କିଏ ଆଣ ଜୁଆ ଖେଳୁଥିଲା। ଏହି ପ୍ରସଙ୍ଗ ତଦନ୍ତସାପେକ୍ଷ ହୋଇଛି। ଅନ୍ୟପକ୍ଷେ ପୋଲିସ ଘଟଣାସ୍ଥଳରୁ ୨୦ଜଣଙ୍କୁ ଗିରଫ କରିଥିବାବେଳେ ପ୍ରାୟ ୭୦ରୁ ଊର୍ଦ୍ଧ୍ୱ ଖସି ଯାଇଥିବା ଚର୍ଚ୍ଚା ହେଉଛି। ଫେରାର ହୋଇଥିବା ଜୁଆଡିଙ୍କ ମଧ୍ୟରେ ଗଞ୍ଜାମ ଜିଲାର ୨ କୁଖ୍ୟାତ ଡକାୟତ ରହିଥିବା ଆଲୋଚନା ହେଉଛି। ଅପରପକ୍ଷେ ଜବତ ଗାଡି ଓ ମୋବାଇଲର ମାଲିକାନାକୁ ନେଇ ତଦନ୍ତକୁ ତ୍ୱରାନ୍ୱିତ କଲେ ଅନେକ ବ୍ୟକ୍ତି ଧରାପଡିବାର ସମ୍ଭାବନା ରହିଛି।

### ପ୍ରବେଶ ପାଇଁ ଏଣ୍ଟ୍ରି ପାସ୍

ରୋହିବାଙ୍କ ଜୁଆ ଆଡ୍ଡାରେ ପ୍ରବେଶ ପାଇଁ ଏଣ୍ଟ୍ରିପାସ ଆବଶ୍ୟକତା ହେଉଥିଲା ବୋଲି ଜଣାପଡିଛି। କେତେଜଣ ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁସାରେ ସୁରକ୍ଷା ବଳୟ ମଧ୍ୟରେ ଜୁଆ ଖେଳ ପ୍ରାୟ ୩ବର୍ଷ ହେଲା ହୋଇ ଆସୁଥିଲା। ଜୁଆଖେଳ ଅପରାହ୍ନ ୨ରୁ ରାତି ପ୍ରାୟ ୨ଟା ପର୍ଯ୍ୟନ୍ତ ଚାଲୁଛି । ଜୁଆଖେଳକୁ ଅବାଧରେ ଚଳାଇବା ପାଇଁ କେତେଜଣ ଜନ ପ୍ରତିନିଧି ଏଥିରେ ସାମିଲ ଅଛନ୍ତି। ଲୋକ ପ୍ରତିନିଧିଙ୍କ ରବର ଷ୍ଟାମ୍ପ ଜବତ ଘଟଣା ଏହାକୁ ପ୍ରମାଣିତ କରୁଛି। ଜୁଆଖେଳକୁ ଅବାଧରେ ଚଳାଇବା ପାଇଁ ପୋଲିସ, ଖବରଦାତା, ଲୋକ ପ୍ରତିନିଧି ଓ ସ୍ଥାନୀୟ କିଛି ଅସମାଜିକ ବ୍ୟକ୍ତି ମଧ୍ୟ ଅନୁରୂପ ଭାବେ ସହଯୋଗ କରୁଥିବା ଅଭିଯୋଗ ହୋଇଛି। ବାରମ୍ବାର ଅଭିଯୋଗ ପରେ ସୁଫଳ ନ ମିଳିବାରୁ କେତେଜଣ ଲୋକ ପୋଲିସ ଉଚ୍ଚ ଅଧିକାରୀଙ୍କୁ ଅବଗତ କରାଇବା ପରେ ଅତର୍କିତ ଚଢ଼ାଉ ହୋଇଥିଲା। ସ୍ଥାନୀୟ ପୋଲିସ ଟେର ନ ପାଇବାରୁ ଚଢ଼ାଉର ସୁଫଳ ମିଳିଲା ବୋଲି ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ଅପରପକ୍ଷେ ଢ଼ୋଲମସ୍କା ଓ ଲଣ୍ଡାବାଦୁ କାଜୁ ଜଙ୍ଗଲରେ ଜୁଆଖେଳ ଚାଲିଥିବା ଅଭିଯୋଗ ପୁଣି ଉଠିଛି।

# ୪୫୦ ଲିଟର ଦେଶୀ ମଦ ସହ କାର ଜବତ, ଜଣେ ଗିରଫ

ଖଣ୍ଡପଡ଼ା,୨୦ା୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ସିଧାମୂଳା ଗ୍ରାମର ମହାନଦୀ ସେତୁ ଦେଇ କଟକ ଜିଲା ଅଧୀନ ଆଠଗଡ ଅଞ୍ଚଳରୁ ଏକ କାରରେ ବିପୁଳ ପରିମାଣର ଦେଶୀ ମଦ ଭାପୁରକୁ ଚୋରା ଚାଲାଣ ହେଉଥିଲା । କୌଣସି ସୂତ୍ରରୁ ଖବର ପାଇ ଖଣ୍ଡପଡ଼ା ଅବକାରୀ ଥାନାଧିକାରୀ ଦୀପକ କୁମାର ଜେନା ସଦଳବଳେ ଚଢାଉ କରି ଭାପୁର ବାଇପାସ୍ ରାସ୍ତାରୁ ସେହି କାରକୁ ଜବତ କରିଛି । ଯାଞ୍ଚ ସମୟରେ ଉକ୍ତ କାରରୁ ୪୫୦ ଲିଟର ଦେଶୀ ମଦ ଜବତ କରାଯାଇଛି । ଏହି ଘଟଣାରେ କଟକ ଜିଲା ଅଧୀନ ତିଗିରିଆ ଗ୍ରାମର ଉମେଶ କୁମାର ସ୍ୱାଇଁ(୩୨)ଙ୍କୁ ଗିରଫ କରାଯାଇଛି । ଅବକାରୀ କର୍ମଚାରୀ ମଦ ସହ କାର ଓ ମୋବାଇଲ ଫୋନକୁ ଜବତ କରିଛନ୍ତି । ଏ ସମ୍ପର୍କରେ ଏକ ମାମଲା ରଜୁ ହୋଇଛି । ଚଢାଉରେ ପ୍ରତ୍ୟୁଷ ରଞ୍ଜନ ଦେହୁରୀ, ଲକ୍ଷ୍ମୀଧର ବେହେରା, ମିତାରାଣୀ ନାୟକ, ଦେବୀ ପ୍ରସାଦ ପାଣି ପ୍ରମୁଖ ସାମିଲ ହୋଇଥିଲେ ।

# ରାସ୍ତା ନିର୍ମାଣରେ ଅବ୍ୟବସ୍ଥା: ଅଟକି ରହିଲା ଯାନବାହନ



ରାସ୍ତାରେ ଗଦା ହୋଇଥିବା ନିର୍ମାଣ ସାମଗ୍ରୀ ଯୋଗୁ ଯାନବାହନ ଅଟକି ରହିଛି।

ନୟାଗଡ଼,୨୦ା୧(ଲୋକନାଥ ମିଶ୍ର)

ନୟାଗଡ଼ ପିଟିଏସ୍‌ଠାରୁ ପୁରୁଣା ସହରର ଜଗନ୍ନାଥ ମନ୍ଦିର ରାସ୍ତା ନିର୍ମାଣ ଚାଲିଛି। ଏହି ରାସ୍ତା ନୟାଗଡ଼ ନାଉଖାଲ ରାସ୍ତାର ନୟାଗଡ଼ କଲେଜଠାରୁ ପୋଲିସ ଟ୍ରେନିଂ ସ୍କୁଲ(ପିଟିଏସ) ଦେଇ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥକୁ ପୁରୁଣା ଜଗନ୍ନାଥ ସଡ଼କଠାରେ ସଂଯୋଗ କରିଛି। ଏହି ରାସ୍ତା ନୟାଗଡ଼ ଜିଲା ସଦର ମହକୁମାର ଭିଆଇପି ରାସ୍ତା ରୂପେ ପରିଚିତ। ରାସ୍ତା ମଧ୍ୟରେ ପିଟିଏସ୍, ଜିଲା ପରିଷଦ କାର୍ଯ୍ୟାଳୟ, ଏସ୍‌ପିଙ୍କ କାର୍ଯ୍ୟାଳୟ, ଜିଲା ଓ ନୟାଗଡ଼ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ, ନବୋଦୟ ଓ କେନ୍ଦ୍ରୀୟ ବିଦ୍ୟାଳୟ ପରି ଅନେକ ଗୁରୁତ୍ୱପୂର୍ଣ୍ଣ ସରକାରୀ କାର୍ଯ୍ୟାଳୟ ଅଛି। ତେବେ ରାସ୍ତାକୁ ନିର୍ମାଣ କରୁଥିବା ଠିକାଦାରଙ୍କ ଅବ୍ୟବସ୍ଥା ଯୋଗୁ ସୋମବାର ଅପରାହ୍ନ ପ୍ରାୟ ୩ଟାରୁ ପ୍ରାୟ ଅଧ ଘଣ୍ଟା ଧରି ରାସ୍ତା ଜାମ ହୋଇ ଯାଇଥିଲା। ରାସ୍ତାର ଗୋଟିଏ ପାର୍ଶ୍ୱରେ ପଥର ମିଶା ଡଷ୍ଟ ପଡୁଥିବାବେଳେ ରାସ୍ତାରେ ଯାନବାହାନ ଚଳାଚଳ କରିବା ସମ୍ଭବ ହୋଇ ନ ଥିଲା। ଏପରିକି ଉପଜିଲାପାଳଙ୍କ ଗାଡ଼ି ମଧ୍ୟ ଅଟକି ରହିଥିଲା। କିଛି ସମୟ ପାଇଁ ଚାପା ଉତ୍ତେଜନା ଦେଖାଦେଇଥିଲା।

# ଅଦରକାରୀ ନୁହନ୍ତି ବରିଷ୍ଠ ନାଗରିକ

ନୟାଗଡ଼,୨୦ା୧(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକ ବାଉଁଶିଆପଡା ପଞ୍ଚାୟତ ନୋଡାଲ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଜଗନ୍ନାଥ ବରିଷ୍ଠ ନାଗରିକ ମଞ୍ଚର ନବମବାର୍ଷିକ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ନାଗରିକ ମଞ୍ଚ ସଭାପତି ପ୍ରମୋଦ ପଟ୍ଟନାୟକ ଯୋଗ ଦେଇ କହିଲେ ବରିଷ୍ଠ ନାଗରିକମାନେ ଅଲୋଡ଼ା,ଅଦରକାରୀ କିମ୍ବା ଅନ୍ୟଉପରେ ବୋଝ ନୁହନ୍ତି। ସେମାନଙ୍କ ଅନୁଭୂତି,ଅଭିଜ୍ଞତା ଉତ୍ତରପିଢ଼ି ପାଇଁ ପ୍ରେରଣା ଦାୟକ। ଏଣୁ ଦୁସ୍ଥ,ଅସହାୟ, ନିରାଶ୍ରୟ, ଅବହେଳିତ, ବୃଦ୍ଧାବୃଦ୍ଧଙ୍କ ଆଶାବାଡ଼ି ଭାବେ ନୟାଗଡ଼ ଜିଲା ବରିଷ୍ଠ ନାଗରିକ ମଞ୍ଚ କାମ କରିବ ବୋଲି ଶତାଧିକ ବରିଷ୍ଠ ନାଗରିକ ସଙ୍କଳ୍ପ ନେଇଛନ୍ତି। ବାଉଁଶିଆପଡା ଶ୍ରୀଜଗନ୍ନାଥ ବରିଷ୍ଠ ନାଗରିକ ମଞ୍ଚର ସଭାପତି ରଘୁନାଥ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସମ୍ପାଦକ ବୈକୁଣ୍ଠ ନାଥ ଦାସ, ନିତ୍ୟାନନ୍ଦ ରାଉତରାୟ, ତ୍ରିନାଥ ନାୟକ, ଏବଂ ଜିଲା ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଦୁର୍ଯ୍ୟୋଧନ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟପକ୍ଷେ ଜିଲା ମଞ୍ଚର ସ୍ୱତନ୍ତ୍ର ଅଧିବେଶନ ମାର୍ଚ୍ଚରେ କରିବା ପାଇଁ ପ୍ରସ୍ତାବ ପ୍ରକାଶ ପାଇଥିଲା । ଆବାହକ ତ୍ରିନାଥ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବାଣ୍ଟିଲେ ଜିଲାପାଳ

ରଣପୁର, ୨୦ା୧
(ସୁକାନ୍ତ କିଶୋର ଡାକୁଆ)

ନୟାଗଡ଼ ଜିଲାପାଳ ସୋମବାର ରଣପୁର ବ୍ଲକର ମଝିଆଖଣ୍ଡ ନୋଡାଲ ଉଚ୍ଚ ବିଦ୍ୟାଳୟରେ ପହଞ୍ଚି ୪୫୬ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ବଣ୍ଟନ କରିଛନ୍ତି। ସେହି ଉପକରଣରେ ଖାତା, ପେନ, ପେନସିଲ, ରବର, କଟର, ରଙ୍ଗ କଲମ, ସ୍କେଚ, ସ୍କେଲ, ଜ୍ୟାମିତି ବାକ୍ସ ଆଦି ରହିଥିଲା। ପିଲାମାନେ ଏହି ଶିକ୍ଷା ଉପକରଣ ପାଇ ବହୁତ ଖୁସି ଅନୁଭବ କରିବା ସହ ଜିଲାପାଳଙ୍କ ଏହି କାର୍ଯ୍ୟ ପାଇଁ ପ୍ରଶଂସା କରିଥିଲେ। ଅନ୍ୟମାନଙ୍କୁ ମଧ୍ୟରେ ଜିଲା ଶିକ୍ଷା ଅଧିକାରୀ ରାଜଶ୍ରୀ ପଟ୍ଟନାୟକ, ବ୍ଲକ ଶିକ୍ଷା ଅଧିକାରୀ ବନଲତା ବେହେରା, ପ୍ରଧାନ ଶିକ୍ଷକ ବସନ୍ତ କୁମାର ସାହୁ, ସାଧନ କେନ୍ଦ୍ର ସଂଯୋଜକ ସୁଶୀଲ କୁମାର ରଣା, ବିଶ୍ୱ ଭୂଷଣ ବେହେରା ଉପସ୍ଥିତ ରହି ପାଠ୍ୟ ଉପକରଣ ବଣ୍ଟନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ, କର୍ମଚାରୀ ଓ ସ୍କାଉଟ ଗାଇଡ଼ର ଛାତ୍ରୀଛାତ୍ରମାନେ ଉପସ୍ଥିତ ରହି ଏଥିରେ ସହଯୋଗ କରିଥିଲେ।

ନୟାଗଡ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ୨୦୨୫ ନୂଆ ବର୍ଷ ଅବସରରେ ଜିଲାର ସମସ୍ତ ସରକାରୀ ଅଧିକାରୀଙ୍କୁ ଶୁଭେଚ୍ଛା ଜଣାଇବା ପାଇଁ ଫୁଲତୋଡ଼ା ଓ ପ୍ରଦାନ କରିବାକୁ ବାରଣ କରିଥିଲେ। ଏହା ବଦଳରେ ଶୁଭେଚ୍ଛା ଜଣାଇବା ସହ ଖାତା, କଲମ, ପେନସିଲ ଭଳି ପାଠ୍ୟ ଉପକରଣ ପ୍ରଦାନ କରିବାକୁ ଅନୁରୋଧ କରିଥିଲେ। ଯାହା ଦ୍ୱାରା ଅନାବଶ୍ୟକ ଭାବେ ଖର୍ଚ୍ଚ ହେଉଥିବା ଅର୍ଥରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଉପକରଣ ମିଳି ପାରିବ ବୋଲି ଜିଲାପାଳ କହିଥିଲେ। ଜିଲାପାଳଙ୍କ ବାର୍ତ୍ତା ଅନୁଯାୟୀ ନୂଆବର୍ଷ ଶୁଭେଚ୍ଛା ଜଣାଇବାକୁ ଯାଇଥିବା ସରକାରୀ ଅଧିକାରୀ ତଥା ଲୋକମାନେ ଫୁଲ ତୋଡ଼ା ପରିବର୍ତ୍ତେ ଖାତା, ପେନ, ଜ୍ୟାମିତି ବାକ୍ସ ଭଳି ପାଠ୍ୟ ଉପକରଣ ଉପହାର ଭାବେ ପ୍ରଦାନ କରିଥିଲେ। ସେହି ସବୁ ଉପହାରଗୁଡିକୁ ଏକତ୍ରିତ କରି ନୟାଗଡ଼ ଜିଲାର ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଏହାକୁ ବଣ୍ଟନ କରାଯାଉଛି।



ଜିଲାପାଳ ଛାତ୍ରୀଛାତ୍ରମାନଙ୍କୁ ପାଠ୍ୟପୁସ୍ତକ ବଣ୍ଟନ କରୁଛନ୍ତି।

# ମଙ୍ଗଳା କ୍ଲବ୍ ଚାମ୍ପିୟନ

ନୟାଗଡ଼ ସର୍ବଭାରତୀୟ ଫୁଟବଲ

ନୟାଗଡ଼,୨୦ା୧(ଲୋକନାଥ ମିଶ୍ର)

ନୟାଗଡ଼ ଖେଳ ପଡ଼ିଆରେ ଚାଲୁ ରହିଥିବା ସର୍ବଭାରତୀୟ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଛି। ସିନ୍ଦୁରିଆର ୭୮୬ ୟୁଥ୍ କ୍ଲବ,ଆଥ୍‌ଲେଟିକ୍ ଆସୋସିଏଶନ୍, ନୟାଗଡ଼ କ୍ଲବ ଓ ମର୍ଣ୍ଣି କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ କଟକର ମଙ୍ଗଳା କ୍ଲବ ଚାମ୍ପିୟନ ହୋଇଛି । ମଙ୍ଗଳା କ୍ଲବ ୩-୦ ଗୋଲରେ ସମ୍ବଲପୁର ଏକାଡେମୀକୁ ପରାସ୍ତ କରିଛି। ଚାମ୍ପିୟନ ଦଳକୁ ୫୦ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସ ଅପ୍ ଦଳକରୁ ୩୦ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଛି। ଶେଷ୍ଠ ଖେଳାଳୀ ଭାବେ ମଙ୍ଗଳା କ୍ଲବର ପ୍ରକାଶ କୁମାର ନାୟକ ପୁରସ୍କୃତ ହୋଇଛନ୍ତି। ମୁଖ୍ୟ ଅତିଥି ରୂପେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ବରିଷ୍ଠ ବିଜେଡିନେତ୍ରୀ ଇରାନୀ ରାୟ, ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ନୟାଗଡ଼ ମ୍ୟୁନିସିପାଲିଟି ଅଧକ୍ଷା ନିରୁପମା ଖଟେଇ ଓ ଉପାଧ୍ୟକ୍ଷ ଗୁରୁ ପ୍ରସାଦ ଜେନା, ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ରାଜୁ ମହାନ୍ତି ଖେଳ ପରିଚାଳନା କରିଥିଲେ । ଲାଇନ୍ସରେ ସହଯୋଗ କରିଥିଲେ ଶଶୀକାନ୍ତ ଦାଶିଆ, ଦେବରାଜ ସ୍ୱାଇଁ ଓ ଜ୍ୟୋତି ରଞ୍ଜନ ସ୍ୱାଇଁ। ଖେଳ ପ୍ରାରମ୍ଭରୁ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।



ଚାମ୍ପିୟନ ଟିମ୍‌କୁ ଅତିଥି ଟ୍ରଫି ପ୍ରଦାନ କରୁଛନ୍ତି।

# ୧୯୮୫ ବ୍ୟାଚ୍‌ର ବନ୍ଧୁମିଳନ

ଖଣ୍ଡପଡ଼ା,୨୦ା୧
(ଅଜୟ କୁମାର ମହାରଣା)

କଣ୍ଟିଲୋ ନୀଳମାଧବ ବିଦ୍ୟାପୀଠ ୧୯୮୫ ମାଟ୍ରିକ ବ୍ୟାଚ୍ ସହପାଠୀଙ୍କ ଏକ ବନ୍ଧୁ ମିଳନ କାର୍ଯ୍ୟକ୍ରମ ନବ କିଶୋର ବେହେରା ଓ ମନୋଜ କୁମାର ମହାପାତ୍ରଙ୍କ ଆବାହକତ୍ୱରେ ସ୍ଥାନୀୟ ଶ୍ମଶାନ ଚଣ୍ଡୀ ପୀଠରେ ରବିବାର ଅନୁଷ୍ଠିତ ହୋଇଯାଇଛି । ଅମୀୟ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଦିବଙ୍ଗତ ସହପାଠୀ ପ୍ରମୋଦ କୁମାର ପ୍ରଧାନ ଓ ହେମନ୍ତ କୁମାର ସାହୁଙ୍କ ବିୟୋଗରେ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ବିଗତ ଦିନର ସ୍ମୃତିକୁ ରୋମନ୍ଥନ କରିବା ସହ ପରସ୍ପର ମଧ୍ୟରେ ଭାବର ଆଦାନ ପ୍ରଦାନ କରିଥିଲେ । ପୁରାତନ ସହପାଠୀମାନଙ୍କ ବିଭିନ୍ନ ଅଭାବ ଅସୁବିଧା ସମୟରେ ସମସ୍ତ ସହପାଠୀ ମିଳିତ ହୋଇ ସହଯୋଗର ହାତ ବଢାଇବା ନିମନ୍ତେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ପୁରାତନ ସହପାଠୀମାନଙ୍କ ସହମତିରେ ଆଗାମୀ ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ପରିଚାଳନା ପାଇଁ ଏକ ସ୍ଥାୟୀ କମିଟି ଗଠନ କରାଯାଇଥିଲା । କମିଟିର ସଭାପତି ଭାବେ ଅମୀୟ କୁମାର ସାହୁ, ସମ୍ପାଦକ ମନୋଜ କୁମାର ମହାପାତ୍ର ଓ ବିଷ୍ଣୁପ୍ରସାଦ ସାହୁ କୋଷାଧକ୍ଷ ଭାବେ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ୪୦ରୁ ଊର୍ଦ୍ଧ୍ୱ ସହପାଠୀ ଯୋଗଦେଇଥିଲେ ।

# ପ୍ରିୟାଂଶିଷ ମେମୋରିଆଲ କ୍ରିକେଟ: ଭୋଗଡା ଟିମ୍ ବିଜୟୀ

ଖଣ୍ଡପଡ଼ା,୧୯ା୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ୍ ଅଧୀନ ସିଧାମୂଳା ରାଇଜିଙ୍ଗଷ୍ଟାର କ୍ରିକେଟ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ଖେଳ ପଡ଼ିଆରେ ଅନୁଷ୍ଠିତ ପ୍ରିୟାଂଶିଷ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ୨ୟ କ୍ୱାଟର ଫାଇନାଲ ମ୍ୟାଚରେ ଭୋଗଡା କ୍ରିକେଟ କ୍ଲବ ୧୯ ଉଇକେଟରେ ବରହମପୁରା କ୍ରିକେଟ ଟିମକୁ ପରାସ୍ତ କରି ବିଜୟୀ ହୋଇଛି । ଭୋଗଡା ଦଳ ବ୍ୟାଟିଂ ଆରମ୍ଭ କରି ୧୫ ଓଭରରେ ୯ ଉଇକେଟ ହରାଇ ୧୬୯ ରନ ସଂଗ୍ରହ କରିଥିଲା । ଜବାବରେ ବରହମପୁରା ଟିମ ୧୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୫୦ ରନ ସଂଗ୍ରହ କରି ପରାଜୟ ସ୍ୱୀକାର କରିଥିଲା । ସୂର୍ଯ୍ୟକାନ୍ତ ବେହେରା ଓ ଆଲୋକ କୁମାର ରାଉତ ଖେଳ ପରିଚାଳନା କରିଥିଲେ । ଚିନ୍ମୟ ସାହୁ ଓ ରାଜେଶ କୁମାର ମହାଳିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ମଣିନାଗ କଲେଜରେ ବାଳିକା ଆତ୍ମରକ୍ଷା ପ୍ରଶିକ୍ଷଣ

ଦଶପଲ୍ଲା,୨୦ା୧(ପ୍ରକାଶ କୁମାର ପାଣି)

ସୋମବାର ଦଶପଲ୍ଲା ବ୍ଲକର ଟାକେରାସ୍ଥିତ ମଣିନାଗ ବହୁମୁଖୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷର ୬୩ ଛାତ୍ରୀଙ୍କୁ ନେଇ ମହିଳା ଆତ୍ମରକ୍ଷା ତାଲିମ ଶିବିର ଆରମ୍ଭ ହୋଇଛି । ଉଦ୍‌ଘାଟନୀ ଉତ୍ସବରେ କଲେଜ ଅଧକ୍ଷ ରାଧା ମୋହନ କର୍ମୀ ଆତ୍ମରକ୍ଷାର ଉପାଦେୟତା ସମ୍ପର୍କରେ ପିଲାଙ୍କୁ ବୁଝାଇଥିଲେ। ଅଧାପକ ନୀଳମଣି ସାହୁ ସଭା ପରିଚାଳନା କରିଥିଲେ। ପ୍ରଶିକ୍ଷିକା ଅଙ୍କିତା ରଣା ମହିଳା ଛାତ୍ରୀମାନଙ୍କୁ ଆତ୍ମ ରକ୍ଷା ସମ୍ପର୍କରେ ବୁଝାଇବା ସହ ତାଲିମ ପ୍ରଦାନ କରିଥିଲେ । ଖେଳ ଶିକ୍ଷକ ବିଦେଶୀ ବେହେରା, ଅଧାପିକା ସୁଚିତ୍ରା ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି ଶିବିର ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ମିଳିଛି ।



ପ୍ରଶିକ୍ଷିକା ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ତାଲିମ୍ ପ୍ରଦାନ କରୁଛନ୍ତି।

# କମନରୁମ୍ ନାହିଁ, ପାନୀୟ ଜଳ ସମସ୍ୟା ଉତ୍କଟ

ନୀଳମାଧବ ମହାବିଦ୍ୟାଳୟ

ଖଣ୍ଡପଡ଼ା,୨୦ା୧(ଅଜୟ କୁମାର ମହାରଣା)

ନୟାଗଡ଼ ଜିଲା ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀରେ ନୂଆ ପୁରୁଣା ହୋଇ ୫ ମହାବିଦ୍ୟାଳୟ ରହିଛି । କଣ୍ଟିଲୋର ନୀଳମାଧବ ମହାବିଦ୍ୟାଳୟ ସବୁଠୁ ପୁରୁଣା । ହେଲେ ଏହି ମହାବିଦ୍ୟାଳୟର ଏକାଧିକ ସମସ୍ୟା କଲେଜ ପରିଚାଳନାକୁ ପ୍ରଭାବିତ କରୁଛି । ବିଶେଷ କରି ପାନୀୟ ଜଳ ସମସ୍ୟା, ମହିଳା ପୁରୁଷ କମନ ରୁମ, ଅଣଛାତ୍ରଙ୍କ ପ୍ରବେଶ ସାଙ୍ଗକୁ ଅଧ୍ୟାପକଙ୍କ ଅଭାବ ଶିକ୍ଷା ଦାନରେ ବାଧକ ସାଜିଛି ।

୧୯୭୭ଅଗଷ୍ଟ ୧୫ରେ ତତ୍କାଳୀନ ଖଣ୍ଡପଡ଼ା ବିଧାୟକ ସତ୍ୟ ସୁନ୍ଦର ମିଶ୍ରଙ୍କ ଉଦ୍ୟମ ତଥା କଣ୍ଟିଲୋ ପଞ୍ଚାୟତବାସୀଙ୍କ ସହଯୋଗ ଓ ଆର୍ଥିକ ସହାୟତାରେ କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଗଢି ଉଠିଥିଲା । ୧୯୮୪ରେ ଉକ୍ତ କଲେଜଟି ସରକାରୀ ଅନୁଦାନପ୍ରାପ୍ତ ହୋଇଥିଲା । ବହୁ ଘାତ ପ୍ରତିଘାତ ମଧ୍ୟରେ ଏହି କଲେଜଟି ଗତି କରିଥିଲା । ଏବେ ବି ବିଭିନ୍ନ ସମସ୍ୟା ମଧ୍ୟରେ କଲେଜଟି ଗତି କରୁଥିବାରୁ ଗତ ୨୦ ବର୍ଷ ହେଲା ଛାତ୍ରୀଛାତ୍ରମାନଙ୍କ ସଂଖ୍ୟା କ୍ରମାଗତ ହ୍ରାସ ପାଉଥିଲା । କଲେଜର ପରିଚାଳନାଗତ ତ୍ରୁଟି ତଥା କଲେଜ ଅଧକ୍ଷ ନିଜେ ବହୁ ସମୟରେ କଲେଜକୁ ଆସୁ ନ ଥିବାରୁ ଶିକ୍ଷକ ଓ ଅଣ ଶିକ୍ଷକମାନେ ନିଜ ଦାୟିତ୍ୱରେ ଅହେତୁକ ଅବହେଳା ପ୍ରଦର୍ଶନ କରୁଥିଲେ । ଏଥିପାଇଁ ଶିକ୍ଷାଦାନରେ ସମସ୍ୟା ସୃଷ୍ଟି ହେଉଥିଲା । କଲେଜରେ ପିଲାଙ୍କ ସଂଖ୍ୟା କମିବାର ଏହା ଏକ ମୁଖ୍ୟ କାରଣ ଥିଲା । ତେବେ ପରବର୍ତ୍ତୀ ସମୟରେ କଲେଜ ପରିଚାଳନାରେ ଶୃଙ୍ଖଳାଗତ ପରିବର୍ତ୍ତନ ଆସିବା ଫଳରେ ଗତ କିଛି ବର୍ଷ ଧରି କଲେଜରେ ଯୁକ୍ତ୨, ଯୁକ୍ତ୩ (ଉଭୟ କଳା ଓ ବିଜ୍ଞାନ ଶ୍ରେଣୀ) ଏବଂ ଭୋକେସନାଲ ଶ୍ରେଣୀର ଛାତ୍ରୀଛାତ୍ରଙ୍କ ସଂଖ୍ୟା ବୃଦ୍ଧି ପାଇଛି । ଏବେ ୧୬ ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ମାତ୍ର ଛାତ୍ରୀଛାତ୍ରଙ୍କ ତୁଳନାରେ ତଥା ସରକାରୀ ମାପ କାଠି ଅନୁସାରେ ଆବଶ୍ୟକ ଅଧ୍ୟାପିକା ଅଧ୍ୟାପକ ନାହାନ୍ତି । ଭିତ୍ତିଭୂମିର ଅଭାବ ଶିକ୍ଷାଦାନ କ୍ଷେତ୍ରରେ ଘୋର ସମସ୍ୟା ସୃଷ୍ଟି କରିଛି । ପରିଚାଳନା କମିଟି ଅଧୀନରେ ନିଯୁକ୍ତି ପାଇଥିବା ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ ଅଧିକ ସମୟ ଶିକ୍ଷାଦାନରେ ଖଟାଯାଇଛି। ବରିଷ୍ଠ ଶିକ୍ଷୟିତ୍ରୀ, ଶିକ୍ଷକମାନେ ସେମାନଙ୍କ କାର୍ଯ୍ୟରେ ଅବହେଳା କରୁଥିବା ଅଭିଯୋଗ ହେଉଛି । ସମ୍ପ୍ରତି କଲେଜରେ ସମୁଦାୟ ଶିକ୍ଷକ ଓ ଅଣ ଶିକ୍ଷକ ମିଶି ୭୫ ଜଣ ଅଛନ୍ତି। କଲେଜର ସୁରକ୍ଷା ପ୍ରାଚୀର ନ ଥିବା ଯୋଗୁ ବିଭିନ୍ନ ସମୟରେ ଅଣ ଛାତ୍ର ଓ ଅସାମାଜିକ ବ୍ୟକ୍ତି କଲେଜ ପରିସରକୁ ପ୍ରବେଶ କରି ନାନା ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି । ସେହି ପରିସର ଗାଈଗୋରୁଙ୍କ ଚରା ଭୂଇଁ ପାଲଟିଛି । କଲେଜ ସମସ୍ୟାଠାରୁ ପିଲାମାନଙ୍କ ସମସ୍ୟା ମଧ ବଳି ପଡିଛି । ସେମାନଙ୍କ ପାଇଁ (ମହିଳା ଓ ପୁରୁଷ) କମନ ରୁମର ଆବଶ୍ୟକତା ରହିଥିବା ବେଳେ ୧୬ଶହରୁ ଊର୍ଦ୍ଧ୍ୱ ଛାତ୍ରୀ ଛାତ୍ରଙ୍କ ପାଇଁ ଏକ ଅଡିଟୋରିୟମର ନିତ୍ୟାନ୍ତ ଜରୁରୀ ହୋଇ ପଡିଛି । ଏ ନେଇ ପିଲାମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷର ପ୍ରକାଶ ପାଉଛି । କଲେଜ ପରିସରରେ ଥିବା ପୋଖରୀ ସହ ଖେଳ ପଡ଼ିଆର ନବୀକରଣର ମଧ ଆବଶ୍ୟକତା ରହିଛି । ବିଶେଷ କରି ଏତେ ସଂଖ୍ୟକ ପିଲାମାନଙ୍କ ମଧ୍ୟରୁ ପ୍ରତ୍ୟେହ ଶତାଧିକ ଛାତ୍ରୀ ଛାତ୍ର, ଶିକ୍ଷକ ଓ ଅଣଶିକ୍ଷକ ବସ ଯୋଗେ ଆସୁଥିବାରୁ କଲେଜ ନିକଟରେ ଏକ ବସ ଷ୍ଟପ ସହିତ ଏକ ବସଷ୍ଟାଣ୍ଡ ନିର୍ମାଣ କରିବା ଜରୁରୀ ହୋଇପଡିଛି ।



**ଦ୍ୱିତୀୟ କ୍ୱାର୍ଟରରେ ନିମପୁର ସ୍ପୋର୍ଟିଂ ବିଜୟୀ**

କୁଜଙ୍ଗ,(ମନୋଜ ପ୍ରଧାନ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ଜଗତିଠାରେ ଅନୁଷ୍ଠିତ ୩୦ତମ ସମୀର, ସୁଶିଲ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ କିଶୋର ଏକାଡେମୀ ଭୁବନେଶ୍ୱର ଓ ନିମପୁର ସ୍ପୋର୍ଟିଂ କ୍ଲବ କଟକ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଟସ୍ ଜିତି ନିମପୁର ସ୍ପୋର୍ଟିଂ କ୍ଲବ କଟକ ବୋଲିଂ ନିଷ୍ପତ୍ତି ନେଇଥିଲା। କିଶୋର ଏକାଡେମୀ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ୍ ବିନିମୟରେ ୧୭୨ ରନ ସଂଗ୍ରହ କରିଥିଲା। ଜବାବ୍‌ରେ ନିମପୁର ସ୍ପୋର୍ଟିଂ କ୍ଲବ କଟକ ୩ ଉଇକେଟ୍ ବିନିମୟରେ ୧୭୩ ରନ ସଂଗ୍ରହ କରି ବିଜୟୀ ହୋଇଛି।



## ସଂକ୍ଷେପରେ

### ଏଏମ୍ଏନ୍ଏସ୍ ପରିସରରେ ଜରୁରିକାଳୀନ ମକ୍‌ଡ୍ରିଲ
**ରୋବଟ ଜରିଆରେ ଅଗ୍ନି ନିୟନ୍ତ୍ରଣ**

ପାରାଦୀପ,୨୦।୧(ଶରତ ରାଉତ)

ପାରାଦୀପ ଏଏମ୍ଏନ୍ଏସ୍ (ଆର୍ସେଲର ମିତ୍ତଲ ନିପ୍ପନଷ୍ଟିଲ) କମ୍ପାନୀ ପରିସରରେ ଜରୁରିକାଳୀନ ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରାଦୀପର ଅନ୍ୟ ଶିଳ୍ପ ସଂସ୍ଥାର ସୁରକ୍ଷା ନିରାପତ୍ତା ଟିମ୍, ଜିଲା ଆପାତକାଳୀନ ବିଭାଗ, ଅଗ୍ନିଶମ ବିଭାଗ, କାରଖାନା ବାଷ୍ପିତ ବିଭାଗ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଦି ସଂସ୍ଥାର ବିଭାଗୀୟ ଅଧିକାରୀମାନେ ଭାଗ ନେଇଥିଲେ। ଷ୍ଟିଲ କାରଖାନା ମଧ୍ୟରେ ଆକସ୍ମିକ ଅଗ୍ନିକାଣ୍ଡ ଘଟିଲେ ରୋବଟ୍ ଜରିଆରେ କିପରି ନିୟନ୍ତ୍ରଣ କରାଯିବ ତାହା ମକ୍‌ଡ୍ରିଲ ଜରିଆରେ ଦର୍ଶାଯାଇଥିଲା। ଏଥିରେ କାରଖାନା ବାଷ୍ପିତ ବିଭାଗର ନିର୍ଦ୍ଦେଶକ ମନୋଜ କୁମାର ପଣ୍ଡା, ପାରାଦୀପ ଏଏସ୍‌ପି ସ୍ମୃତିରଞ୍ଜନ କର, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ପୁଷ୍ପରଚନ୍ଦ୍ର ବେହେରାଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ନିରୀକ୍ଷଣ କରିଥିଲେ। ମକ୍‌ଡ୍ରିଲ ସଫଳ ହୋଇ ଥିବାରୁ କମ୍ପାନୀ ନିର୍ବାହୀ ନିର୍ଦ୍ଦେଶକ ସୁରେଶ୍ୱ ଜି ସମସ୍ତ ଅଧିକାରୀ ଓ ବିଭାଗକୁ ଧନ୍ୟବାଦ ଜଣାଇଥିଲେ।

### ମୋଟର ଯାନ ତନଖି, ଜରିମାନା ଆଦାୟ

କୁଜଙ୍ଗ,୨୦।୧(ମନୋଜ ପ୍ରଧାନ)

ସଡ଼କ ସୁରକ୍ଷା ସଚେତନତା ଅବସରରେ କୁଜଙ୍ଗ ପୋଲିସ ପକ୍ଷରୁ ସୋମବାର ଅପରାହ୍ନରେ କୁଜଙ୍ଗ ବଜାରର କଟକ-ପାରାଦୀପ ରାସ୍ତାରେ ମୋଟର ଯାନ ତନଖି କରାଯାଇଥିଲା। ଏହି ଅବସରରେ ହେଲମେଟ୍ ପିନ୍ଧିଥିବା ବାଇକ ଆରୋହୀଙ୍କୁ ଗୋଲାପ ଦେଇ ଥାନା ଅଧିକାରୀ ତପନ କୁମାର ନାହାକ ସ୍ୱାଗତ କରିଥିଲେ। ଅନ୍ୟପଟେ ଯେଉଁ ବାଇକ ଆରୋହୀ ବିନା ହେଲମେଟରେ ଗାଡି ଚଳାଉ ଥିଲେ ସେମାନଙ୍କୁ ସଚେତନତା କରାଯାଇ ଜରିମାନା ଆଦାୟ କରାଯାଇଥିଲା।

### ଅଖା ନ ମିଳିବାରୁ ଚାଷୀ ଅସନ୍ତୁଷ୍ଟ

କୁଜଙ୍ଗ,୨୦।୧(ମନୋଜ ପ୍ରଧାନ)

କୁଜଙ୍ଗ ବ୍ଲକ ବାଗୋଇ ପ୍ରାଥମିକ ସେବା ସମବାୟ ସମିତି ପକ୍ଷରୁ ସୋମବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ବାଗୋଇ ସରପଞ୍ଚ ପ୍ରଭାଞ୍ଜଳି ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିବା ସହ ଚାଷୀମାନେ ଯେପରି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପ୍ରତି ଯତ୍ନବାନ ହେବାକୁ ପରାମର୍ଶ ଦେଇଥିଲେ । ସମ୍ମାନିତ ଅତିଥିଭାବେ ରାହାମା ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ବିଶ୍ୱନାଥ ମହାନ୍ତି ଯୋଗଦେଇଥିଲେ। ଧାନ କ୍ରୟର ପ୍ରଥମ ତାରିଖ ୧୮ ତାରିଖ ଥିଲେ ମଧ୍ୟ ସୋମବାର ପର୍ଯ୍ୟନ୍ତ ଚାଷୀଙ୍କୁ ଅଖା ମିଳି ନ ଥିବାରୁ ଉପସ୍ଥିତ ଚାଷୀମାନେ ଅସନ୍ତୋଷବ୍ୟକ୍ତ କରିଥିଲେ। ମିଲର ପୁରୁଣା ଚିରା ଅଖା ଦେବାକୁ କହିଥିବାରୁ ସମବାୟ ସମିତି ତାହାକୁ ଗ୍ରହଣ କରି ନଥିଲା। ଅନ୍ୟପଟେ ଅଖା ବଦଳରେ ମିଲର ଅଖା ପ୍ରତି ମୂଲ୍ୟ ୨୦ ଟଙ୍କା ହିସାବରେ ଚାଷୀଙ୍କୁ ପ୍ରଦାନ କରିବ ବୋଲି ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ମହାନ୍ତି ପ୍ରତିଶ୍ରୁତି ଦେଇଛନ୍ତି। ଏହି ଉଦ୍‌ଘାଟନୀ ଉତ୍ସବରେ ସମବାୟ ସମିତି ସଭାପତି ଅଭୟ ମହାପାତ୍ର, ପୂର୍ବତନ ସରପଞ୍ଚ ବିଜୟ ଖଟାଇ, ଶ୍ରୀନିବାସ ଯୁଝାରସିଂହ, ଅକ୍ଷୟ ବିଶ୍ୱାଳ, ଉମେଶ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

# ସମାଜକୁ ଶୃଙ୍ଖଳିତ ରଖିବା ସମସ୍ତଙ୍କ ଦାୟିତ୍ୱ



ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟାରେ ଯୋଗଦେଇଥିବା ଅତିଥିମାନେ ।

**୨୬ତମ ଜଗତ୍‌ସିଂହପୁର ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟା**

ଜଗତ୍‌ସିଂହପୁର, ୨୦।୧
(ପ୍ରମୋଦ କୁମାର ନାୟକ)

କଳା, ସାହିତ୍ୟ, ସଂସ୍କୃତି ସବୁଥିରେ ଜଗତ୍‌ସିଂହପୁରର ସ୍ୱତନ୍ତ୍ରତା ରହିଛି। ଜଗତ୍‌ସିଂହପୁରର ବରପୁତ୍ରମାନେ ବିଭିନ୍ନ କ୍ଷେତ୍ରରେ କେବଳ ରାଜ୍ୟ ନୁହେଁ ଦେଶରେ ସେମାନଙ୍କ ପ୍ରତିଭା ପ୍ରତିପାଦିତ କରିଛନ୍ତି। ଏସବୁ ମା'ଶାରଳା ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଆଶୀର୍ବାଦରୁ ସମ୍ଭବ। ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ପଡ଼ିଆରେ ୨୬ତମ ଜଗତ୍‌ସିଂହପୁର ପୁସ୍ତକ ମେଳାର ଷଷ୍ଠ ସନ୍ଧ୍ୟାରେ ସାହିତ୍ୟରେ ଶ୍ରୀ ଜଗନ୍ନାଥ ଶୀର୍ଷକ ସାହିତ୍ୟ ଆସରରେ ଏଭଳି ମତପ୍ରକାଶ ପାଇଥିଲା। ଏହି ଆସରରେ ଓଡ଼ିଶା ବିଧାନସଭା ସଚିବ ଦାଶରଥୀ ଶତପଥୀ କହିଥିଲେ ସମାଜକୁ ଶୃଙ୍ଖଳିତ ରଖିବା ସହ ସୁନାଗରିକ ହେବା ଆମ ସମସ୍ତଙ୍କ ଦାୟିତ୍ୱ। ତେବେ ଆମ ଭିତରେ ଜ୍ଞାନ ବୃଦ୍ଧି ପାଇଁ ପ୍ରତ୍ୟେକ ଅଧ୍ୟୟନ କରିବା ଆବଶ୍ୟକ। କମ୍ପ୍ୟୁଟର ଯୁଗରେ ବହି ପଢିବା ସଂଖ୍ୟା କମି ଚାଲିଛି ସତ କିନ୍ତୁ ଏବେ ବି ପ୍ରତ୍ୟହ ଓଡ଼ିଶାରେ ୨୦୦ରୁ ୩୦୦ ପୁସ୍ତକ ଉନ୍ମୋଚନ ହେଉଛି। ବହିକୁ ସାଙ୍ଗ କଲେ ଅନେକ ଉପକାର ମିଳେ। ଏହି ଅବସରରେ ସେ ହାଓ ଟୁ ୱିନ ଫ୍ରେଣ୍ଡସ୍ ଆଣ୍ଡ ଇନଫ୍ଲୁଏନ୍ସ ପିପୁଲ ବହିଟି କ୍ରୟ କରି ପଢିବାକୁ ଉପସ୍ଥିତ ଦର୍ଶକଙ୍କୁ ଅନୁରୋଧ କରିଥିଲେ। ସେ କହିଥିଲେ, ଏହି ବହିଟି ପଢ଼ିଲେ ମନରେ ସକରାତ୍ମକ ଚିନ୍ତାଧାରା ବଢ଼ିଯିବ, କ୍ୟାରିଅର କାଉନସିଲ୍‌ର ଆବଶ୍ୟକତା ପଡିବ ନାହିଁ। ବହିଟି ପଢିବା ଆରମ୍ଭ କଲେ ନ ସରିବା ପର୍ଯ୍ୟନ୍ତ ଶୋଇହେବ ନାହିଁ। ଶ୍ରୀ ଜଗନ୍ନାଥ ହେଉଛନ୍ତି ପରୀକ୍ଷାର ଠାକୁର। ସେ ସବୁବେଳେ ଭକ୍ତଙ୍କ ଧୈର୍ଯ୍ୟ ପରୀକ୍ଷା କରିଥାନ୍ତି। ଆଉ ଯେତେବେଳେ ଭକ୍ତଙ୍କ ଧୈର୍ଯ୍ୟର ସୀମା ଅତିକ୍ରମ ହୋଇଯାଏ, ସେତେବେଳେ ମହାବାହୁ ହାତ ବଢାଇ ଦେଇଥାନ୍ତି। ତେଣୁ କେବଳ ସାହିତ୍ୟରେ ଶ୍ରୀ ଜଗନ୍ନାଥ ନ ଥାନ୍ତି, କଳା ଓ ସଂସ୍କୃତି ଆଦି ସବୁଥିରେ ଥାଆନ୍ତି। ଯିଏ ଯେଉଁଭଳି ଭାବେ ଜଗନ୍ନାଥଙ୍କୁ ମାଗିବ ସେଭଳି ଫଳ ପ୍ରାପ୍ତି ହେବ ବୋଲି ଶତପଥୀ କହିଥିଲେ। ଜଗତ୍‌ସିଂହପୁର ସାଂସ୍କୃତିକ ପରିଷଦ କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅନ୍ତର୍ଜାତୀୟ ଆତ୍ମଜ୍ଞାନ ପ୍ରବକ୍ତା ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ଓ ବିଶିଷ୍ଟ ଔପନ୍ୟାସିକ ଭାଗିରଥି ଦାସ ସମ୍ମାନିତ ଅତିଥିଭାବେ ଯୋଗଦେଇ ସାହିତ୍ୟ ଓ ଶ୍ରୀ ଜଗନ୍ନାଥଙ୍କ ବିଷୟରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ଏପରି କି କେବଳ ପୁସ୍ତକ ପଢ଼ିଦେଲେ ହେବନାହିଁ, ଏହାକୁ ଅନୁଧ୍ୟାନ ବା ଅନୁଶୀଳନ କରିବା ଉଚିତ। ଏହାଦ୍ୱାରା ଆମର ସତସଙ୍ଗ ହୋଇପାରିବ ବୋଲି ସେ ମତପ୍ରକାଶ କରିଥିଲେ। କାର୍ଯ୍ୟକ୍ରମ ପୂର୍ବରୁ ବରିଷ୍ଠ ରାଜନେତା ସ୍ୱର୍ଗତ ଉମେଶ ଚନ୍ଦ୍ର ସ୍ୱାଇଁଙ୍କ ଉଦ୍ଦେଶ୍ୟରେ ଆସର ଉତ୍ସର୍ଗ ହୋଇଥିଲା। ଏହି ଅବସରରେ ଔପନ୍ୟାସିକ ଦାସଙ୍କ ଉପନ୍ୟାସ 'ନିଶବ୍ଦ ଯନ୍ତ୍ରଣା' ଉନ୍ମୋଚିତ ହୋଇଥିଲା। ପୁସ୍ତକ ମେଳା ସହ ଜଡ଼ିତ ବ୍ୟକ୍ତିବିଶେଷ ଓ ପୂର୍ବତନ କର୍ମକର୍ତ୍ତାଙ୍କୁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ପରିଷଦ ସମ୍ପାଦକ ଶାରଦା ପ୍ରସାଦ ଦାସ ଧନ୍ୟବାଦ ଦେଇଥିଲେ। ପୂର୍ବାହ୍ନରେ ବିଦ୍ୟାଳୟସ୍ତରୀୟ, ସାଂସ୍କୃତିକ ଅନୁଷ୍ଠାନଗୁଡିକ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଲାଇନଚ୍ୟୁତ ହେଲା ମାଲବାହୀ ଟ୍ରେନ ବଗି



ପାରାଦୀପ,୨୦।୧(ଶରତ ରାଉତ)

ପାରାଦୀପ ଅଭିମୁଖେ ଆସୁଥିବା ଏକ ମାଲ୍‌ବାହୀ ଟ୍ରେନ ସୋମବାର ମଧ୍ୟାହ୍ନ ୧ଟାବେଳେ ଲାଇନଚ୍ୟୁତ ହୋଇଥିଲା। ସମ୍ପୃକ୍ତ ଟ୍ରେନ୍ ରଙ୍ଗିଆଗଡ ଇଫ୍‌କୋ ଷ୍ଟେସନ ପର୍ଯ୍ୟନ୍ତ ଆସିଲାବେଳେ ଏପରି ଘଟଣା ଘଟିଥିଲା। ଟ୍ରେନ୍‌ର ଶେଷ ଦୁଇଟିବଗି ଲାଇନ୍‌ଚ୍ୟୁତ ହୋଇଯାଇଛି। ଏଥିରେ କୌଣସି କ୍ଷୟକ୍ଷତି ହୋଇ ନ ଥିବା ଜଣାପଡ଼ିଛି। ଦୁର୍ଘଟଣା ପରେ ରେଳୱେ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ସମ୍ପୃକ୍ତ ଟ୍ରେନ୍‌ଲାଇନକୁ ମରାମତି କରାଯାଇଛି।

# ବିଶାଳ ଶ୍ରମିକ ସମାବେଶ



ଶ୍ରମିକ ସମାବେଶରେ ଏମ୍‌ପି ବିଭୁପ୍ରସାଦ ତରାଇ ଓ ଅନ୍ୟ ଅତିଥିମାନେ ।

ପାରାଦୀପ,୨୦।୧(ଶରତ ରାଉତ)

ପାରାଦୀପର ପୁରୁଖା ଟ୍ରେଡ୍ ୟୁନିୟନ (ପାରାଦୀପ ପୋର୍ଟ ଆଣ୍ଡ ଡକ ମଜଦୁର ୟୁନିୟନ)ର ଏକ ବିଶାଳ ଶ୍ରମିକ ସମାବେଶ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଜୟଦେବ ସଦନ ସମ୍ମୁଖ ପଡିଆରେ ଆୟୋଜିତ ଏହି ସମାବେଶରେ ପ୍ରଥମକରି ଏମ୍‌ପି ବିଭୁପ୍ରସାଦ ତରାଇ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସର୍ବଭାରତୀୟ ଶ୍ରମିକନେତା ତନ୍ମୟ ଜେନା, ୟୁନିୟନ ଉପସଭାପତି ଆରଏନ ଦାସ, ସମ୍ପାଦକ ସନାତନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏମ୍‌ପି ତରାଇ ଓ ତନ୍ମୟଙ୍କୁ ବଡ଼ଡିଆଠାରୁ ଶୋଭାଯାତ୍ରାରେ ମଞ୍ଚ ପର୍ଯ୍ୟନ୍ତ ଅଣାଯାଇଥିଲା। ସୂଚନାଯୋଗ୍ୟ, ଡକ୍ ମଜଦୁର ୟୁନିୟନ ନେତା ଥିଲେ ଘନଶ୍ୟାମ ଜେନା। ତାଙ୍କ ସମୟରେ କୌଣସି ଭାଜପା ନେତା ସମାବେଶରେ ଯୋଗଦେବାର ଦୃଷ୍ଟାନ୍ତ ନାହିଁ। ଏବେ ପାରାଦୀପରେ ଶିଳ୍ପ ମନ୍ତ୍ରୀ ସମର୍ଥକ ଜରିଆରେ ଏକ ୟୁନିୟନ ପ୍ରଭାବ ବିସ୍ତାର କରିବାରେ ଲାଗିଛି। ସେହି ସମୟରେ ଦଳର ଏମ୍‌ପି ଅନ୍ୟ ଏକ ୟୁନିୟନର ସଭାପତି ହେବା ଏବଂ ୟୁନିୟନ ବୈଠକରେ ଯୋଗଦେବା ଘଟଣାକୁ ନେଇ ରାଜନୈତିକ ଚର୍ଚ୍ଚା ଜୋର ଧରିଛି।

# ଜିଲାପାଳଙ୍କ ଯୁଗ୍ମ ଜନ ଶୁଣାଣିରେ ୮୫ ଅଭିଯୋଗ



ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଅଭିଯୋଗଗୁଡ଼ିକର ଶୁଣାଣି କରୁଛନ୍ତି।

ଜଗତ୍‌ସିଂହପୁର, ୨୦।୧
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ଜିଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶିବିରରେ ଜିଲାପାଳ ଜେ.ସୋନାଲ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଏହି ଅବସରରେ ମୋଟ ୮୫ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ୭୮ , ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କିତ ୭ , ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରାସନ କାର୍ଡ ସମ୍ବନ୍ଧୀୟ ୪ , ଆବାସ ଯୋଜନା ୫ , ଜମିଜମା ସମ୍ବନ୍ଧୀୟ ୧୩, ପେନ୍‌ସନ ପାଇଁ ୧୫, ପୋଲିସ ସହାୟତା ପାଇଁ ୩, ଏବଂ ଅନ୍ୟାନ୍ୟ ୨୯ ଅଭିଯୋଗର ଶୁଣାଣି କରାଯାଇଥିଲା। ୯ ଅଭିଯୋଗର ତତ୍‌କ୍ଷଣାତ ଫଇସଲା ହୋଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଏସ୍‌ପି ଭବାନୀ ଶଙ୍କର ଉଦ୍‌ଗାତା, ଜିଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ,ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆଶୁତୋଷ ମିଶ୍ର, ତହସିଲଦାର, ତାରିଣୀ ରଞ୍ଜନ ରାୟ, ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

### ଚାଷୀଙ୍କୁ ମୁଗ ବିହନ ବଣ୍ଟନ

ନାଉଗାଁ,୨୦।୧(ସୁଧା ବେହୁରା)

ନାଉଗାଁ ବ୍ଲକ ଗଜରାଜପୁର ପଞ୍ଚାୟତ ଅନ୍ତର୍ଗତ ଦେବିଦୋଳଠାରେ ଆନ୍ତର୍ଜାତୀୟ ଧାନ ଗବେଷଣା ଅନୁଷ୍ଠାନ ପକ୍ଷରୁ କୃଷି ଓ କୃଷକଙ୍କ ସଶକ୍ତୀକରଣ ପାଇଁ ଓଡିଶା ସରକାର ଓ ପଲ୍ଲି ବିକାଶ ଆନୁକୂଲ୍ୟରେ ଚାଷୀମାନଙ୍କୁ ମୁଗ ବିହନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଯାଇଛି। ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ବ୍ଲକ କୃଷି ଅଧିକାରୀ ଯୁଗସ୍ମିତା ପାତ୍ର, ସହକାରୀ କୃଷି ଅଧିକାରୀ ଅଗ୍ନି ପଣ୍ଡା, ଆତ୍ମା କମିଟି ଅଧ୍ୟକ୍ଷ ବସନ୍ତ ପାଢୀ, ପଲ୍ଲି ବିକାଶର ସମ୍ପାଦକ ବାବାଜୀ ସ୍ୱାଇଁ ଉପସ୍ଥିତ ଥିଲେ। ଧାନ ଚାଷପରେ ପଡ଼ିଆ ଜମିରେ ଉନ୍ନତମାନର ରବିଫସଲ ଚାଷ ପାଇଁ ଚାଷୀମାନଙ୍କୁ ତାଲିମ ଦିଆଯାଇଥିଲା। ପ୍ରଥମେ ଉକ୍ତ ପଞ୍ଚାୟତରେ ୪୦ ଏକରର ଏକ ପ୍ୟାଚ ଚୟନ କରାଯାଇ ଏହି ପ୍ୟାଚରେ ଥିବା ସମସ୍ତ ଚାଷୀମାନଙ୍କୁ ଏକର ପିଛା ୮ କିଗ୍ରା ମୁଗ ପ୍ରଦାନ କରାଯିବା ସହ ଆବଶ୍ୟକ କୀଟ ନାଶକ, ଜୈବିକସାର ଆଦି ପ୍ରଦାନ କରାଯାଇଥିଲା।

# ଧଳତଙ୍ଗଗଡ଼ ଜଙ୍ଗଲରେ ବିଧାୟକଙ୍କ ବନ୍ଧୁ ମିଳନ



ଜଗତ୍‌ସିଂହପୁର,୨୦।୧
(ପ୍ରମୋଦ କୁମାର ନାୟକ)

ଜଗତ୍‌ସିଂହପୁର ବିଧାୟକ ଅମରେନ୍ଦ୍ର ଦାସଙ୍କ ଏକ ବଡ଼ ବନ୍ଧୁ ମିଳନ କାର୍ଯ୍ୟକ୍ରମ ସୋମବାର ଧଳତଙ୍ଗଗଡ଼ ଜଙ୍ଗଲରେ ଅନୁଷ୍ଠିତ ହୋଇଯାଇଛି। ଏନେଇ ଚାରିଆଡେ ଲୋକାରଣ୍ୟ ହୋଇଯାଇଥିଲା। ଏହି କାର୍ଯ୍ୟକ୍ରମରେ ନାଉଗାଁ ଓ ଜଗତ୍‌ସିଂହପୁର ବ୍ଲକ ଜଗତସିଂହପୁର ପୌରପରିଷଦର ବହୁ ହଜାର ଭାଜପା କର୍ମୀ, ଯୁବ ଛାତ୍ର ଯୋଗଦେଇଥିଲେ। ପ୍ରାୟ ୫ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଏହି ବଣଭୋଜିରେ ସାମିଲ ହୋଇଥିଲେ। ଏହିଅବସରରେ ପ୍ରାରମ୍ଭରେ ଏକ ସଭାକାର୍ଯ୍ୟ ଆୟୋଜିତ ହୋଇଥିଲା। ଏଥିରେ ଜଗନ୍ନାଥ ଦାଶ ସଭାପତିତ୍ୱ କରିଥିଲେ। ଏହି ଅବସରରେ ବିଧାୟକ ଅମରେନ୍ଦ୍ର କହିଥିଲେ, ଜଗତ୍‌ସିଂହପୁର, ନାଉଗାଁ ଅଞ୍ଚଳର କର୍ମୀମାନଙ୍କ ପାଇଁ ସେ ଏଠାରେ ପହଞ୍ଚିପାରିଛନ୍ତି। ମନ ଭିତରେ ଭଲପାଇବା ଥିବାରୁ ଆଜି ସଭିଏଁ ଏକାଠି ହୋଇପାରିଛନ୍ତି। ଆପଣମାନଙ୍କ ପାଇଁ ଆଜି ଓଡ଼ିଶାରେ ସରକାର ପରିବର୍ତ୍ତନ ହୋଇଛି । ଆଉ ଏଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାର ଆସିଛି। ଭାଜପା ଯାହା ପ୍ରତିଶ୍ରୁତି ଦେଇଥିଲା ତାହା ପାଳନ କରିଛି। ବୟୋଜ୍ୟଷ୍ଠ ବ୍ୟକ୍ତିଙ୍କ ଭତ୍ତା ୩୫୦୦ ହୋଇଛି, ମା'ମାନଙ୍କୁ ସୁଭଦ୍ରା ଟଙ୍କା ମିଳିଛି, ଧାନର ମୂଲ୍ୟ ବୃଦ୍ଧି ହୋଇ ୩୧୦୦ ଶହ ଟଙ୍କା ହୋଇଛି ବୋଲି ସେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ.ପୂର୍ବତନ ଜିଲାପରିଷଦ ସଭାପତି ଦେବୀଦତ୍ତ ମହାନ୍ତି, ପୂର୍ବତନ ଜଗତ୍‌ସିଂହପୁର ବ୍ଲକ ଅଧ୍ୟକ୍ଷ ପ୍ରସନ୍ନ ସ୍ୱାଇଁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଲକ୍ଷ୍ମୀକାନ୍ତ ସ୍ୱାଇଁ, ନାଉଗାଁ ବରିଷ୍ଠ ନେତା ପ୍ରଦୀପ୍ତ ସ୍ୱାଇଁ, ଯୁଧିଷ୍ଠିର ସ୍ୱାଇଁ, ଦେବୀ ପ୍ରସାଦ ସାହାଣୀ, ଶ୍ରୀକାନ୍ତ ଚୌଧୁରୀ, ଅକ୍ଷୟ ପାତ୍ର, ସୁଶାନ୍ତ ମଲ୍ଲିକ, ତାପସ ଦାସ, ବିଦୁର ନାୟକ, ଦେବୀ ରଞ୍ଜନ ପାଢ଼ୀ, ବିଷ୍ଣୁ ଚରଣ ବେହେରା,ଶ୍ରୀକାନ୍ତ ଚୌଧୁରୀ, ସୁଶାନ୍ତ ସ୍ୱାଇଁ, ଆଡଭୋକେଟ୍ ରବୀନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରିମିୟର ଲିଗ୍ ଉଦ୍‌ଯାପିତ: ଜାଗୁଆର ଚାମ୍ପିୟନ

ଏରସମା,୨୦।୧ (ଦୀପ୍ତି ଖଣ୍ଡୁଆଳ)



ଏରସମା ବ୍ଲକ ଅନ୍ତର୍ଗତ ଗଡ଼ବିଶୁନିପୁର ପଞ୍ଚାୟତସ୍ଥିତ ହାଟ ପଡ଼ିଆରେ ଡିସେମ୍ବର ୨୯ରୁ ଚାଲିଥିବା ପ୍ରିମିୟର ଲିଗ କ୍ରିକେଟ ମ୍ୟାଚ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୮ଟି କ୍ରିକେଟ ଦଳ ଅଂଶଗ୍ରହଣ କରିଥିଲେ। ଚୂଡାନ୍ତ ମ୍ୟାଚ ଜଗୁଆର କ୍ରିକେଟ ଟିମ୍ ଖାତିକୋଳଦା ଓ ଶ୍ରୀରାମ କ୍ରିକେଟ ଟିମ୍ ଗଡ଼ବିଶୁନିପୁର ମଧ୍ୟରେ ହୋଇଥିଲା। ଜଗୁଆର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ଏକ ଉଇକେଟ ହରାଇ ୧୮୧ ରନ ସଂଗ୍ରହ କରିଥିଲା। ଜବାବରେ ଶ୍ରୀରାମ ଦଳ ସମସ୍ତ ଉଇକେଟ ହରାଇ ୧୨୮ ରନ କରି ପରାଜିତ ହୋଇଥିଲା। ଦୀପ୍ତିରଞ୍ଜନ ପ୍ରଧାନ ଓ ଦୀନେଶ ପାତ୍ର ଅମ୍ପାୟାର ଭାବେ କ୍ରୀଡା ପରିଚାଳନା କରିଥିଲେ। ଶ୍ରୀକାନ୍ତ ଗୁରୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା ମୁଖ୍ୟ ଅତିଥି ଭାବେ ଉପସ୍ଥିତ ହୋଇ କ୍ରୀଡା ଗାଁ ମଧ୍ୟରେ ସମ୍ପର୍କ ବୃଦ୍ଧି କରେ ବୋଲି କହିଥିଲେ। ଗଣଶିକ୍ଷା ବିଭାଗର ପୂର୍ବତନ ଉପଦେଷ୍ଟା ଶିଶିର ପରିଜା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଜିଲା ପରିଷଦ ରାନୀ ଗୁରୁ, ସମିତି ସଭ୍ୟା ସୁଶ୍ରୀ ସଂଗୀତା ଗୁରୁ, ଗ୍ରାମ ମୁଖ୍ୟ ବଂଶୀଧର ପୁହାଣ ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ଦେଇଥିଲେ। ପ୍ରତାପ କୁମାର ସ୍ୱାଇଁ, ପଗନ ପଲେଇ, ଦିଲୀପ ପାତ୍ର ପ୍ରମୁଖ ପ୍ରିମିୟର ଲିଗ କମିଟିରେ କର୍ମକର୍ତ୍ତା ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

# ସାମୟିକ ଗଣନାକାରୀଙ୍କ ପ୍ରଶିକ୍ଷଣ କର୍ମଶାଳା



ପ୍ରଶିକ୍ଷଣ କର୍ମଶାଳାରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ଜଗତ୍‌ସିଂହପୁର, ୨୦।୧ (ପ୍ରମୋଦ କୁମାର ନାୟକ)

ଦେଶର ସାମୁହିକ ଯୋଜନା ପ୍ରଣୟନରେ ଭାରତ ସରକାରଙ୍କ ନମୁନା ପଞ୍ଜୀକରଣ ତଥ୍ୟଣ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟ ଅଧୀନସ୍ଥ ଜନଗଣନା ନିର୍ଦ୍ଦେଶାଳୟ, ଓଡ଼ିଶା ପକ୍ଷରୁ ନମୁନା ପଞ୍ଜୀକରଣ ପଦ୍ଧତି କାର୍ଯ୍ୟକ୍ରମରେ ଜିଲାର ସାମୟିକ ଗଣନାକାରୀମାନଙ୍କର ଏକ ଦିନିକିଆ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦ୍‌ଭାବନା ସଭାଗୃହରେ ଆୟୋଜିତ ଏହି କାର୍ଯ୍ୟକ୍ରମର ରିଫ୍ରେସର ଟ୍ରେନିଂରେ ଜଗତ୍‌ସିଂହପୁର ଜିଲା ସମାଜ ମଙ୍ଗଳ ଅଧିକାରୀ ବିଷ୍ଣୁପ୍ରିୟା ସେଠୀ ଏବଂ ଜିଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ମହାମାରୀ ବିଶେଷଜ୍ଞ ଡା.ସ୍ମୃତି ରଞ୍ଜନ ପଣ୍ଡା, ଜନଗଣନା କାର୍ଯ୍ୟାଳୟ ଭୁବନେଶ୍ୱରର ସହାୟକ ନିର୍ଦ୍ଦେଶକ ସୁଜିତ୍ କୁମାର ପ୍ରଧାନ, ବରିଷ୍ଠ ସଂଖ୍ୟକ ଅନ୍ୱେଷକ ବିଜୟ କୁମାର ସାହୁ ଏବଂ ଶରତ କୁମାର ମିଶ୍ର ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜନଗଣନା ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ହେମନ୍ତ କୁମାର ସିଂହ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜନ୍ମ ଓ ମୃତ୍ୟୁର ତଥ୍ୟ ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ସାମୟିକ ଗଣନାକାରୀମାନେ ନିୟମିତଭାବେ ଠିକ ଜନ୍ମ ଓ ମୃତ୍ୟୁର ତଥ୍ୟ ଦେବାକୁ ଜିଲା ସମାଜ ମଙ୍ଗଳ ଅଧିକାରୀ ଉପଦେଶ ଦେଇଥିଲେ। ଓଡ଼ିଶାରେ ଶିଶୁ ଓ ମାତୃ ମୃତ୍ୟୁ ହାର କମିବା ପାଇଁ ଡ଼ାକ୍ତର ସ୍ମୃତି ରଞ୍ଜନ ପଣ୍ଡା ନାରୀ ମାନଙ୍କ ଶିକ୍ଷା ଓ ସଚେତନତା ଉପରେ ଗୁରୁତ୍ୱ ଦେଇଥିଲେ। ଜିଲା ଜନଗଣନା ନିର୍ଦ୍ଦେଶାଳୟର ନମୁନା ପଞ୍ଜୀକରଣ ବିଭାଗର ୧୬ ନମୁନା ୟୁନିଟ ମଧ୍ୟରୁ ୧୫ ଜଣ ସାମୟିକ ଗଣନାକାରୀ ଏହି ପ୍ରଶିକ୍ଷଣ କର୍ମଶାଳାରେ ଭାଗ ନେଇଥିଲେ।

# ଜିଲାସ୍ତରୀୟ ଦୁଗ୍ଧଚାଷୀଙ୍କୁ ଋଣ ପ୍ରଦାନ ମେଳା

ରଘୁନାଥପୁର,୨୦।୧
(ରାଜେନ୍ଦ୍ର ନାରାୟଣ ସିଂହ)




ଜିଲାସ୍ତରୀୟ ଦୁଗ୍ଧଚାଷୀ ଋଣମେଳାରେ ଉପସ୍ଥିତ ଅତିଥିମାନେ ।

ରଘୁନାଥପୁର ବ୍ଲକ ପୂରଣ ଓଡ଼ପଡ଼ା ଗ୍ରାମ ସରସ୍ୱତୀ ମଣ୍ଡପରେ ନାବାର୍ଡ ସହଯୋଗ ତଥା (ବିଓବି)ବ୍ୟାଙ୍କ ଅଫ ବରୋଦା ଓ ଓଡିଶା ଗ୍ରାମ୍ୟ ବ୍ୟାଙ୍କ ସହାୟତାରେ ଜିଲାର ୨ ଶହ ଦୁଗ୍ଧଚାଷୀଙ୍କୁ ନେଇ ଋଣ ପ୍ରଦାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ବିକାଶ ପ୍ରବନ୍ଧକ କଟକ ପ୍ରକ୍ତିମା ପରିଡା ସଭା ପରିଚାଳନା କରିଥିଲେ। ନାବାର୍ଡର ମୁଖ୍ୟ ମହାପ୍ରବନ୍ଧକ ସୁଧାଂଶୁ କେ.କେ ମିଶ୍ର, ଓମଫେଡ୍ ଏମଡି ଆଇଏଏସ ବିଜୟ ଅମୃତା କୁଲାଙ୍ଗେ, ଏକ୍ସଜିକ୍ୟୁଟିଭ୍ ଡାଇରେକ୍ଟର ବିଓବି ବୀଣା ୱାହିଦ, ଏସ୍ଏଲବିସି ଜେନେରାଲ ମ୍ୟାନେଜର ଗୌତମ ପାତ୍ର, ଜୋନାଲ ମ୍ୟାନେଜର ବିଓବି ସ୍ୱପ୍ନା ବନ୍ଦୋପାଧ୍ୟାୟ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଅଧ୍ୟକ୍ଷ ରିଷି ସିଂହ, ଡେପୁଟି ମ୍ୟାନେଜିଂ ଡାଇରେକ୍ଟର ନାବାର୍ଡ ଅଜୟ କୁମାର ସୁଦ ଓ ଜିଲା ବିକାଶ ପ୍ରବନ୍ଧକ ବିଶ୍ୱଭୂଷଣ ମହାନ୍ତି ଯୋଗଦେଇ ଏହି ମେଳାର ଉଦ୍ଦେଶ୍ୟ ତଥା ଗୋ ଚାଷୀଙ୍କ ଉନ୍ନତି ପାଇଁ ସରକାର ନେଇଥିବା ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ଆଭାସି ମାଧ୍ୟମରେ ପ୍ରଧାନମନ୍ତ୍ରୀ ରଖିଥିବା ବାର୍ତ୍ତା ଓ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରଦର୍ଶିତ କରାଯାଇଥିଲା। ଏଥିସହି ଉପସ୍ଥିତ ଚାଷୀଙ୍କୁ ୨ କୋଟି ୬୦ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଥିଲା। ବ୍ୟାଙ୍କ ଅଫ ବରୋଦା ପକ୍ଷରୁ ୨ଜଣ ଚାଷୀଙ୍କୁ ୨ଟି ଟ୍ରାକ୍ଟର ଓ ୩ କୃଷକ ଉତ୍ପାଦକ ସଂଘକୁ ୫୦ ଲକ୍ଷ ଟଙ୍କାର ଋଣ ପ୍ରଦାନ, ନାବାର୍ଡ ପକ୍ଷରୁ ୩ କୃଷକ ଉତ୍ପାଦକ ଗୋଷ୍ଠୀଙ୍କୁ ୩ ମୋବାଇଲ ଭ୍ୟାନ ପ୍ରଦାନ କରାଯାଇଥିଲା। ଏଥିରେ ସିଡସି ସଂସ୍ଥା ପକ୍ଷରୁ ସତ୍ୟ କୁମାର ବାଇ, ନବଜ୍ୟୋତି କ୍ଲବର କ୍ଷୀରୋଦ କୁମାର ଦାଶ, ମହାଶକ୍ତି ଫାଉଣ୍ଡେଶନର ଦେବସ୍ମାନ ପରିଡା ଓ ହେରିଟେଜ ଡାଏରୀ ପକ୍ଷରୁ ବିଶ୍ୱଜିତ୍ ମହାନ୍ତି ଉପସ୍ଥିତ ରହି ସହଯୋଗ କରିଥିଲେ।

# ସାଧାରଣ ପର୍ଯ୍ୟଟକଙ୍କୁ ନା, ବଡ଼ବଡ଼ିଆ ପର୍ଯ୍ୟଟକଙ୍କୁ ହଁ

## କୁମ୍ଭୀର ଗଣନା ପାଇଁ ଭିତରକନିକା ବନ୍ଦ

ରାଜନଗର, ୨୦ା୧ (ଭାସ୍କର ରାଉତରାୟ)



ଭିତରକନିକାରେ ଇକୋ ରିଟ୍ରିଟକୁ ଆସିଥିବା ପର୍ଯ୍ୟଟକମାନଙ୍କୁ ବୋଟରେ ବୁଲା ଯାଉଛି।

ବିଶ୍ୱ ପ୍ରସିଦ୍ଧ ଭିତରକନିକା ପରିଭ୍ରମଣ ପାଇଁ ବନବିଭାଗ ପକ୍ଷରୁ ୯ଦିନ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଚଳିତମାସ ୧୪ରୁ ୨୨ ତାରିଖ ପର୍ଯ୍ୟନ୍ତ ଦେଶ ବିଦେଶର ପର୍ଯ୍ୟଟକମାନଙ୍କୁ ଭିତରକନିକା ପ୍ରବେଶକୁ ବାରଣ କରାଯାଇଛି। ଏହି ସମୟସୀମା ମଧ୍ୟରେ ଭିତରକନିକାକୁ ଆସିଥିବା ବିଦେଶାଗତ ପକ୍ଷୀ ଏବଂ ଜାତୀୟ ଉଦ୍ୟାନର ପ୍ରବାହିତ ନଦୀ ନାଳରେ ବସବାସ କରୁଥିବା ବଉଳା କୁମ୍ଭୀରଙ୍କ ଗଣନା କାର୍ଯ୍ୟ କରାଯିବା ପାଇଁ ଏହି ନିଷେଧାଜ୍ଞା ଜାରି କରାଯାଇଛି। କିନ୍ତୁ ପେଣ୍ଠ ବେଳାଭୂମିରେ ଚାଲିଥିବା ଇକୋ ରିଟ୍ରିଟ୍‌ରେ ଭିଆଇପିମାନେ ବିଳାସବ୍ୟସନ ପାଇଁ ସମୟ କାଟୁଛନ୍ତି। ଏହି ବ୍ୟୟବହୁଳ ଇକୋରିଟ୍ରିଟର ମଜା ନେଉଥିବା ଭିଆଇପିଙ୍କ ପାଇଁ ବନ ବିଭାଗ ସବୁ କଟକଣାକୁ ଫୁ କରି ପରିଭ୍ରମଣ ପାଇଁ ଜଳ ଓ ସ୍ଥଳପଥରେ ଅନୁମତି ଦେବାକୁ ନେଇ ସାଧାରଣରେ ବିସ୍ମୟ ପ୍ରକାଶ ପାଇଛି। ପ୍ରକୃତିକୁ ଉପଭୋଗ କରିବା ପାଇଁ ଆସୁଥିବା ପର୍ଯ୍ୟଟକମାନଙ୍କ ପାଇଁ ବନବିଭାଗ ନୋଟିସ ମାଧ୍ୟମରେ କଟକଣା ଜାରି କରିଥିବା ବେଳେ ଭିଆଇପିମାନଙ୍କୁ କେଉଁ ଆଧାରରେ ପରିଭ୍ରମଣ ପାଇଁ ସୁଯୋଗ ଦିଆଯାଉଛି ବୋଲି ସାଧାରଣ ପର୍ଯ୍ୟଟକମାନେ ପ୍ରଶ୍ନ କରିଛନ୍ତି। ପର୍ଯ୍ୟଟକମାନଙ୍କ ନୌକାବିହାର ସମୟରେ ସେମାନଙ୍କ ବ୍ୟବହୃତ ବୋଟ ଯୋଗୁ କୁମ୍ଭୀରମାନେ ନଦୀକୂଳକୁ ଆସି ନ ଥାନ୍ତି। ଶୀତୁଆ ସମୟରେ ସେମାନେ ବହୁସଂଖ୍ୟାରେ ଜଳସ୍ଥିର ଥିବାବେଳେ ଖରା ପୋଇଁବା ପାଇଁ କୂଳ ଏବଂ ନଦୀପଠାରେ ଦେଖିବାକୁ ମିଳିଥାନ୍ତି। ତେଣୁ କୁମ୍ଭୀରମାନଙ୍କର ଗଣନା ପୂର୍ବରୁ ନଦୀ ଓ ନାଳର ଜଳକୁ ସ୍ଥିର ରଖିବା ପାଇଁ ବନବିଭାଗ ପକ୍ଷରୁ ଏହି ନିଷେଧାଜ୍ଞା ଜାରି କରାଯାଇଥାଏ। କିନ୍ତୁ ଇକୋ ରିଟ୍ରିଟର ଭିଆଇପି ପର୍ଯ୍ୟଟକଙ୍କ ପାଇଁ ଏଭଳି ବିଚିତ୍ର ନୀତିକୁ ସାଧାରଣରେ ବିରୋଧ କରାଯାଇଛି। ଏ ସମ୍ପର୍କରେ ରାଜନଗର ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରେ ରାଜ୍ୟ ସରକାର ଇକୋ ରିଟ୍ରିଟକୁ ଆସିଥିବା ପର୍ଯ୍ୟଟକମାନଙ୍କୁ ବୁଲିବା ଲାଗି ଅନୁମତି ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ହେଲେ ସାଧାରଣ ଲୋକଙ୍କ ବୁଲିବାକୁ ବାରଣ କରାଯାଇଛି ବୋଲି ସେ କହିଛନ୍ତି।

# ସମୁଦ୍ରରେ ଜାଲ ଉଠାଇବା ବେଳେ ମାଲିକ ନିଖୋଜ

ରାଜନଗର, ୨୦ା୧ (ଭାସ୍କର ରାଉତରାୟ)



ଅରବିନ୍ଦ ପାତ୍ର।

ତାଳଚୁଆ ସାମୁଦ୍ରିକ ଥାନା ଅନ୍ତର୍ଗତ ଶିକାରପାହି ଗାଁର ଅରବିନ୍ଦ ପାତ୍ର (୩୮) ରବିବାର ବିଳମ୍ବିତ ରାତ୍ରିରେ ତାଳଚୁଆ ଘାଟରୁ ନିଜ ବୋଟକୁ ଚଳାଇ ଗଭୀର ସମୁଦ୍ରକୁ ମାଛ ମାରିବାକୁ ସାଙ୍ଗରେ ଅନ୍ୟ ୫ଜଣ ମତ୍ସ୍ୟଜୀବୀଙ୍କୁ ସାଙ୍ଗରେ ନେଇ ଯାଇଥିଲେ। ସେହି ସମୟରେ ସାତଭାୟା କୂଳଠାରୁ ୮ କି.ମି. ଦୂର ସମୁଦ୍ର ମଧ୍ୟରେ ମାଛ ଧରୁଥିଲେ। ଜାଲ ବୋଟକୁ ଉଠାଇବା ବେଳେ ଅରବିନ୍ଦ ସମୁଦ୍ରକୁ ଖସି ପଡ଼ିଥିଲେ। ଶବ୍ଦ ଶୁଣି ବୋଟରେ ଥିବା ଅନ୍ୟ ମତ୍ସ୍ୟଜୀବୀମାନେ ଅରବିନ୍ଦଙ୍କୁ ପାଇ ନ ଥିବା ବେଳେ ସେ ବ୍ୟବହାର କରିଥିବା ଟର୍ଚ୍ଚଟି ଜଳୁଥିବା ଅବସ୍ଥାରେ ପାଣିରେ ଭାସୁଥିବା ଦେଖିଥିଲେ। ପରେ ଅନ୍ଧାର ରାତି ଏବଂ ଗଭୀର ସମୁଦ୍ର ଭିତରେ ଅନ୍ୟମାନେ ଖୋଜାଖୋଜି କରିଥିଲେ ମଧ୍ୟ ଅରବିନ୍ଦଙ୍କ କୌଣସି ପତା ପାଇ ନ ଥିଲେ। ପରେ ନିକଟରେ ଥିବା ଅନ୍ୟ ବୋଟଗୁଡିକୁ ଡାକି ଖୋଜାଖୋଜି କରିଥିଲେ। ଖବରପାଇ କୋଷ୍ଟଗାର୍ଡ, ବନବିଭାଗର ୨ଟି ବୋଟ, ତାଳଚୁଆ ସାମୁଦ୍ରିକ ଥାନାର ଗୋଟିଏ ବୋଟ ଓ ଅନ୍ୟ ମାଛ ମାରୁଥିବା ବୋଟ ପ୍ରାୟ ୨୫ରୁ ଅଧିକ ବୋଟ ଅରବିନ୍ଦଙ୍କୁ ସୋମବାର ଦିନ ତମାମ ଖୋଜିଥିଲେ ମଧ୍ୟ ସନ୍ଧ୍ୟା ଯାଏ ତାଙ୍କର କୌଣସି ପତ୍ତା ମିଳି ପାରିନି। ଏ ନେଇ ଅରବିନ୍ଦଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ପାତ୍ର ତାଳଚୁଆ ସାମୁଦ୍ରିକ ଥାନାରେ ଜଣାଇଛନ୍ତି।

# ଦୋହା ପାଠ କଲେ ୩୫ ହଜାର ଶ୍ରଦ୍ଧାଳୁ



ରାଜ୍ୟସ୍ତରୀୟ ଇଜତେମାରେ ଯୋଗଦେଇଥିବା ମୁସଲମାନ ଧର୍ମାବଲମ୍ବୀ ପ୍ରାର୍ଥନା କରୁଛନ୍ତି।

ଚଣ୍ଡିଖୋଲ, ୨୦ା୧ (ପ୍ରଦୀପ୍ତ କୁମାର ପୃଷ୍ଟି)

## ସରିଲା ରାଜ୍ୟସ୍ତରୀୟ ଇଜତେମା

ଯାଜପୁର ଜିଲା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ କଟିକଟାଠାରେ ଅନୁଷ୍ଠିତ ହେଉଥିବା ରାଜ୍ୟସ୍ତରୀୟ ଇଜତେମା ସୋମବାର ଉଦ୍‌ଯାପିତ ହୋଇଯାଇଛି। ୩ ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମର ଶେଷ ଦିନରେ ୩୫ ହଜାର ମୁସଲମାନ ଧର୍ମାବଲମ୍ବୀ ଯୋଗଦେଇ ଦୋହା ପାଠ କରିଛନ୍ତି। ଦିଲ୍ଲୀସ୍ଥିତ ୱାର୍ଲ୍ଡ ମରକଜ ନିଜାମୁଦ୍ଦିନରୁ ଆସିଥିବା ୪ ଜଣ ଧର୍ମଗୁରୁ ଏକକାଳୀନ ସମସ୍ତଙ୍କୁ ନମାଜ ପାଠ କରାଇଥିଲେ। ପୂର୍ବାହ୍ନ ୧୧ଟାରୁ ଏହି ଦୋହା ପାଠ ଅଧ ଘଣ୍ଟା ଧରି ଚାଲିଥିଲା। ପରେ ସମସ୍ତେ ନିଜ ନିଜ ଘର ଅଭିମୁଖେ ବାହାରିଥିଲେ। ଏହି କାର୍ଯ୍ୟକ୍ରମ ପାଇଁ ଯାଜପୁର ଜିଲା ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଅତିରିକ୍ତ ଏସ୍‌ପି ଶୀତିକଣ୍ଠ କାନୁନଗୋଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା। ସ୍ଥାନୀୟ ନଳୀପୁର, ଚାରିନଙ୍ଗଳ, ବିକ୍ରମତିରଣ ଓ ଗୋପାଳପୁର ପଞ୍ଚାୟତର ମୁସଲମାନ ଧର୍ମାବଲମ୍ବୀ ଏହାର ଆୟୋଜକ ଭାବରେ କର୍ଯ୍ୟରେ ଲାଗିଥିଲେ। ଶାନ୍ତି ଶୃଙ୍ଖଳାର ସହ କାର୍ଯକ୍ରମ ଶେଷ ହୋଇଥିବା ଇଜତେମା କମିଟିର ସଂଯୋଜକ ମହମ୍ମଦ ମୋକିମ ଓ ଅଫସର ଅଲ୍ଲୀ ସୂଚନା ଦେଇଛନ୍ତି।

# ଜାତୀୟ ପାରା କ୍ରୀଡ଼ାବିତ୍ ସୁଧୀରଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୨୦ା୧ (ଜଗନ୍ନାଥ ଧଳ)

ଆନ୍ଧ୍ରପ୍ରଦେଶ ବିଶାଖାପାଟନମଠାରେ ମେଡଟେକ ଜୋନ ପକ୍ଷରୁ ଅନୁଷ୍ଠିତ ପ୍ରାକ୍ ପାରା ଅଲମ୍ପିକ ଜାନୁଆରୀ ୧୬ ରେ ସମାପ୍ତ ହୋଇଛି। ଏହି ନବମ ଜାତୀୟ ବୋସିଆ ଚାମ୍ପିୟନ ସିପ୍‌ରେ କେନ୍ଦ୍ରାପଡ଼ାର ପାରା କ୍ରୀଡ଼ାବିତ୍ ସୁଧୀର ମଲିକ ସର୍ବଭାରତୀୟ ସ୍ତରରେ ଦ୍ୱିତୀୟ ସ୍ଥାନ ଅଧିକାର କରି ରୌପ୍ୟ ପଦକ ହାସଲ କରିଛନ୍ତି। ଏଥିପାଇଁ କ୍ରୀଡାବିତ୍ ମଲ୍ଲିକଙ୍କୁ ଭିନ୍ନକ୍ଷମମାନଙ୍କ ନିମନ୍ତେ କାର୍ଯ୍ୟରତ ଅନୁଷ୍ଠାନ ପୁନର୍ବାସ ପକ୍ଷରୁ ସମ୍ବର୍ଦ୍ଧନା ଓ ପ୍ରୋତ୍ସାହନ ରାଶ ସୋମବାର ପ୍ରଦାନ କରାଯାଇଛି। ପୁନର୍ବାସ ଥେରାପି କେନ୍ଦ୍ରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଜିଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟର ମଣ୍ଡଳ ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ଶେଖର ବେହୁରା ଓ ପୌରାସଭ୍ୟା ରଶ୍ମିତା ସିଂ ଏହି ସଫଳ ଜାତୀୟ ପାରା କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଏଥିସହ ପୁନର୍ବାସ ପକ୍ଷରୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ପଟ୍ଟାମୁଣ୍ଡାଇ ବ୍ଲକ ପାଳପାଟଣା ଗ୍ରାମର ସୁଧୀର ହାଇଦ୍ରାବାଦ ସହରରେ କାର୍ଯ୍ୟ କରୁଥିବା ସମୟରେ ତାଙ୍କ ଉପରେ ଲିଫ୍ଟ ଖସି ପଡ଼ିବାରୁ ମେରୁଦଣ୍ଡ ଆଘାତର ଶିକାର ହୋଇ ପକ୍ଷାଘାତଗ୍ରସ୍ତ ହୋଇ ପଡ଼ିଥିଲେ। ଆର୍ଥିକ ଦୁରାବସ୍ଥା ମଧ୍ୟରେ ଥାଇ ସୁଦ୍ଧା କ୍ରୀଡ଼ା ପ୍ରତି ଆଗ୍ରହ ପ୍ରକାଶ କରି ପ୍ରଥମେ ୨୦୨୪ ଡିସେମ୍ବରରେ ଅନୁଷ୍ଠିତ ରାଜ୍ୟ ପାରା ଆଥେଲେଟିକ୍ସ ଚାମ୍ପିୟନସିପର ୨ଟି ଇଭେଣ୍ଟରେ ଭାଗ ନେଇ ସ୍ୱର୍ଣ୍ଣ ଓ କାଂସ୍ୟ ପଦକ ହାସଲ କରିଥିଲେ। କାର୍ଯ୍ୟକ୍ରମରେ ପୁନର୍ବାସର ମୁଖ୍ୟ ଉପଦେଷ୍ଟା ଡ. ବିରଜା ରାଉତରାୟ, ସହସମ୍ପାଦକ ବଂଶୀଧର ମହାନ୍ତି, କୋଷାଧ୍ୟକ୍ଷ ଶିବ ଚରଣ ସାମଲ, ସଭ୍ୟ ମହମ୍ମଦ ଜାହିଦ୍ ଖାନ୍, ସଞ୍ଜୀବ କୁମାର ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ।



ସୁଧୀର ମଲିକଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ୧୯୮ ଅଭିଯୋଗ ପଞ୍ଜୀକୃତ, ୨୦ ସାମୂହିକ

## ବାଲିଆ ପଞ୍ଚାୟତରେ ଜିଲାସ୍ତରୀୟ ଜନଶୁଣାଣି ଶିବିର

ଡେରାବିଶ, ୨୦ା୧ (ବେବର୍ତ୍ତା ଅଜୟ ଦାସ)



ପ୍ରଶାସନିକ ଅଧିକାରୀମାନେ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

କେନ୍ଦ୍ରାପଡ଼ା ଜିଲାସ୍ତରୀୟ ଜନଶୁଣାଣି ଶିବିର ସୋମବାର ଡେରାବିଶ ବ୍ଲକ୍ ଅଧୀନ ବାଲିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ ଓ ଏସ୍‌ପି ସିଦ୍ଧାର୍ଥ କାଟାରିଆ ଯୋଗଦେଇ ୧୯୮ଟି ଅଭିଯୋଗର ଶୁଣାଣି କରିଥିଲେ। ଏହି ଅଭିଯୋଗ ମଧ୍ୟରୁ ୨୦ଟି ସାମୂହିକ ଥିବା ବେଳେ ଅବଶିଷ୍ଟ ୧୭୮ଟି ବ୍ୟକ୍ତିଗତ ରହିଥିଲା। ଏହି ଅଭିଯୋଗ ମଧ୍ୟରୁ ସଂଖ୍ୟାଧିକ ଆବାସ, ଭତ୍ତା ଓ ରାଶନ କାର୍ଡ ସମ୍ବନ୍ଧୀୟ ରହିଥିବା ବେଳେ ସାମୂହିକ ମଧ୍ୟରେ ଚାଷଜମିରୁ ଜଳ ନିଷ୍କାସନ ପାଇଁ ବିଭିନ୍ନ ଡ୍ରେନେଜ କର୍ଟର କାର୍ଯ୍ୟ, ଗ୍ରାମ୍ୟ ରାସ୍ତା ନିର୍ମାଣ, ଜମିଜମା ସଂକ୍ରାନ୍ତ ଇତ୍ୟାଦି ରହିଥିଲା। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ନିଲୁ ମହାପାତ୍ର, ଡେରାବିଶ ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତୀ ମଲ୍ଲିକ, ଉପଜିଲାପାଳ ଅରୁଣ କୁମାର ନାୟକ, ଡେରାବିଶ ତହସିଲଦାର ପ୍ରଜ୍ଞା ପରିମିତା ପୃଷ୍ଟି, ବିଡିଓ ନମିତା ବାରିକ, ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସଚ୍ଚିଦାନନ୍ଦ ମିଶ୍ର, ଜିଲା ଜରୁରିକାଳୀନ ଅଧିକାରୀ ପଲ୍ଲବୀ ପାତ୍ର ପ୍ରମୁଖଙ୍କ ସମେତ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଶୁଣାଣି କରିଥିଲେ। ଏହାକୁ ବାଲିଆ ସରପଞ୍ଚ ପ୍ରବୀର କୁମାର ସିଂହଙ୍କ ସମେତ ପଞ୍ଚାୟତର ସମସ୍ତ ୱାର୍ଡ ସଭ୍ୟାସଭ୍ୟ ପରିଚାଳନା କରିଥିଲେ।

# ବ୍ରାହ୍ମଣୀ ସେତୁରୁ ସୌରଚାଳିତ ଲାଇଟ୍ ଚୋରି

- ଅନ୍ଧାରରେ ସରକାରୀ ଆଲୋକୀକରଣ ବ୍ୟବସ୍ଥା
- ପାଣିରେ ପଡ଼ିଲା ୯ ଲକ୍ଷ

ପଟ୍ଟାମୁଣ୍ଡାଇ, ୨୦ା୧ (କଳ୍ପତରୁ ନାୟକ)



ଦାଣ୍ଡିସାହି ବ୍ରାହ୍ମଣୀ ସେତୁରୁ ସୌର ଚାଳିତ ଲାଇଟକୁ ଖୋଲି ନିଆଯାଇଛି।

କେନ୍ଦ୍ରାପଡ଼ା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ପଟ୍ଟାମୁଣ୍ଡାଇ ବ୍ଲକ୍ ଧୋୟାଞ୍ଚଳର ପ୍ରବେଶ ଦ୍ୱାର କୁହାଯାଉଥିବା ଦାଣ୍ଡିସାହି ବ୍ରାହ୍ମଣୀ ସେତୁକୁ ୯ ଲକ୍ଷ ଟଙ୍କା ବ୍ୟୟରେ ଆଲୋକୀକରଣ ବ୍ୟବସ୍ଥା ହୋଇଥିବା ବେଳେ ଏବେ ଲୋକେ ଅନ୍ଧାରରେ ଯିବାଆସିବା କରୁଛନ୍ତି। ତେବେ ଏତେ ଟଙ୍କା ଖର୍ଚ୍ଚ ପରେ ଆଲୋକ ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦିଆ ନ ଯିବା ଏବଂ ସମସ୍ତ ସୌରଚାଳିତ ଲାଇଟ୍ ଚୋରି ହୋଇଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବିଷୟ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

ଏ ସମ୍ପର୍କରେ ନରେନ୍ଦ୍ର ଧଳ, ପୂର୍ଣ୍ଣଚନ୍ଦ୍ର ନାୟକ, ଉମେଶ ମହାନ୍ତି, କଙ୍ଗାଳୀ ସେଠୀ, ବୃନ୍ଦାବନ ମଲ୍ଲିକ, ଉଲାସ ମଲ୍ଲିକ, ବିଜୟ ମଲ୍ଲିକ, କେଦାର ବିଶ୍ୱାଳ, ଜାନକୀ ବିଶ୍ୱାଳ, ବବିତା ମଲିକ କହିଛନ୍ତି, ଧୋୟାଞ୍ଚଳକୁ ସଂଯୋଗ କରୁଥିବା ନାହିଆଡ଼ିଆ ବ୍ରାହ୍ମଣୀ ସେତୁ ଉପରେ କେନ୍ଦ୍ରାପଡ଼ା ଜିଲା ସମେତ ପଡ଼ୋଶୀ ଯାଜପୁର, ଭଦ୍ରକ ଜିଲାର ଲୋକମାନେ ନିର୍ଭର କରିଥାନ୍ତି। ଏହି ସେତୁ ଦେଇ ଦୈନିକ ପ୍ରାୟ ହଜାରରୁ ଊର୍ଦ୍ଧ୍ୱ ଯାନବାହନ ଯିବା ଆସିବା କରୁଛି। ପଟ୍ଟାମୁଣ୍ଡାଇ ବ୍ଲକ୍ ଧୋୟାଞ୍ଚଳ ଅଳପୁଆ, ତରଡ଼ିପାଳ, ପେଣ୍ଟପାଳ, ସିଂହଗାଁ, ଅଣ୍ଡରା, ଅମୃତମଣୋହି, ବଲୁରିଆ ପ୍ରଭୃତି ୭ଟି ପଞ୍ଚାୟତର ଜନସାଧାରଣ ସୁରକ୍ଷିତ ଗମନାଗମନ ପାଇଁ ନାହିଆଡ଼ିଆ ବ୍ରାହ୍ମଣୀ ବ୍ରିଜ୍ ଉପରେ ଆଲୋକୀକରଣ ବ୍ୟବସ୍ଥା ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ଦାବି ହୋଇଆସୁଥିଲା। ଏ ନେଇ ସରକାର ୯ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟରେ ୨୦୨୧ ଅକ୍ଟୋବର ୯ରେ ସୌରଚାଳିତ ଆଲୋକୀକରଣ ବ୍ୟବସ୍ଥାକୁ କାର୍ଯ୍ୟକ୍ଷମକରି ଉଦ୍‌ଘାଟନ କରିଥିଲେ। ମାତ୍ର ଏବେ ସେତୁରେ ଗୋଟିଏ ବି ଲାଇଟ ନ ଥିବା ଦେଖିବାକୁ ମିଳୁଛି। ବିଭାଗ ପକ୍ଷରୁ ଦୃଷ୍ଟି ଦିଆ ନ ଯିବା ହେତୁ ସମସ୍ତ ଲାଇଟ ଚୋରି ହେବା ବିଡ଼ମ୍ବନାର ବିଷୟ ବୋଲି ମତପ୍ରକାଶ ପାଇଛି। ପୋଲର ଗୋଟିଏ ହେଲେ ଲାଇଟ ଜଳୁ ନ ଥିବା ବେଳେ ରାତିରେ ଯାତାୟାତ କରୁଥିବା ସାଧାରଣ ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଯଥାଶୀଘ୍ର ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯିବାକୁ ଧୋୟାଞ୍ଚଳବାସୀଙ୍କ ପକ୍ଷରୁ ଦାବି ହେଉଛି। ଏ ସମ୍ପର୍କରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟଙ୍କୁ ପଚାରିବାରେ ୨୦୨୧ ମସିହାରେ କେନ୍ଦ୍ରାପଡ଼ା ବିଧାୟକଙ୍କ ଆଞ୍ଚଳିକ ପାଣ୍ଠିରୁ ଉକ୍ତ ସେତୁରେ ଆଲୋକୀକରଣ ବ୍ୟବସ୍ଥା କରାଯାଇଥିଲା। ମାତ୍ର ଲାଇଟ ଲଗାଇଥିବା ସଂସ୍ଥା ଏହାକୁ ଖେଶଲି ନେଇଥିବା ଶୁଣିବାକୁ ମିଳୁଛି। ଏହାର ବିଧିବଦ୍ଧ ତଦନ୍ତ କରାଗଲେ ସତ୍ୟତା ଲୋକଲୋଚନକୁ ଆସିବ ବୋଲି ସେ କହିଛନ୍ତି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସଞ୍ଜୟ



@ ଶ୍ରୀକାନ୍ତ



@ ମନମୋହନ



@ ଗଙ୍ଗାଧର

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଏଟିଏମ୍ ଲୁଟ ଉଦ୍ୟମ ବିଫଳ

## ଘନ କୁହୁଡ଼ିର ସୁଯୋଗ ନେଇ ଦୁର୍ବୃତ୍ତ ଫେରାର





ଆଳି, ୨୦ା୧ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ଥାନା ଅନ୍ତର୍ଗତ କଟକ-ଚନ୍ଦବାଲି ରାସ୍ତାର ନିଆଳ ହାଟ ବିଦ୍ୟୁତ୍ କାର୍ଯ୍ୟାଳୟ ନିକଟରେ ଥିବା ଏଟିଏମ୍ ଲୁଟରେ ବିଫଳ ହୋଇ ଦୁର୍ବୃତ୍ତମାନେ ଭିତରେ ବ୍ୟାପକ ଭଙ୍ଗାରୁଜାକରି ରବିବାର ରାତିରେ ଫେରାର ହୋଇଯାଇଛନ୍ତି। ପୋଲିସ ଦୁର୍ବୃତ୍ତଙ୍କ ପିଛା କରିଥିଲେ ମଧ୍ୟ ଘନ କୁହୁଡ଼ି ଯୋଗୁ ସେମାନେ ଫେରାର ହୋଇଯାଇଥିଲେ।

ରବିବାର ରାତି ପ୍ରାୟ ସାଢେ ୨ଟାରେ କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାର ନିଆଳ ହାଟ ନିକଟରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଏଟିଏମ୍‌ରେ କେତେଜଣ ଦୁର୍ବୃତ୍ତ ଲୁଟ ନିମନ୍ତେ ପଶିଥିଲେ। ଦୁର୍ବୃତ୍ତମାନେ ଏକ ଟ୍ରକ୍ ନେଇ ଲୁଟ ପାଇଁ ଆସିଥିଲେ। ଦୁର୍ବୃତ୍ତମାନେ ଏଟିଏମ୍ ଭିତରେ ପଶି ମେଶିନରୁ ଟଙ୍କା ଲୁଟ ନିମନ୍ତେ ପ୍ରୟାସ କରିଥିଲେ। ଲୁଟପାଟ ସମୟରେ ଏଟିଏମ୍ ବାହାରେ ଓ ଭିତରେ ଥିବା ସିସି କ୍ୟାମେରାରେ ନାଲିରଙ୍ଗର ସ୍ପ୍ରେ ମାରି ଦେଇଥିଲେ। ପ୍ରାୟ ୪ରୁ୬ ଜଣ ଦୁର୍ବୃତ୍ତ ଏଟିଏମ୍ ଲୁଟ ନିମନ୍ତେ ଚେଷ୍ଟାକରି ବିଫଳହେବା ପରେ ଗୋଟିଏ ଏଟିଏମ୍ ମେଶିନକୁ ନେଇଯିବାକୁ ଉଦ୍ୟମକରି ବସିଥିବା ସ୍ଥାନରୁ ପ୍ରାୟ ୪ ଫୁଟ ବାହାରକୁ ଆଣିଥିଲେ। ଏହି ସମୟରେ ଷ୍ଟେଟ ବ୍ୟାଙ୍କ ପକ୍ଷରୁ ଏଟିଏମ୍ ହୋଇଥିବା ଘର ମାଲିକଙ୍କୁ ଫୋନକରି ଲୁଟ ସମ୍ପର୍କରେ ଜଣାଇବା ପରେ ସେ ଥାନାକୁ ଜଣାଇଥିଲେ। ଏହାସହ ଏଟିଏମ୍ ଥିବା ଘର ଉପରେ ରହୁଥିବା ଲୋକଙ୍କୁ ଜଣାଇଥିଲେ। ଉପର ଘରେ ରହୁଥିବା ଲୋକଙ୍କୁ ବାହାର ପଟରୁ ଦୁର୍ବୃତ୍ତମାନେ ତାଲା ପକାଇଦେଇଥିଲେ। ଦୁର୍ବୃତ୍ତମାନେ ଏଟିଏମ୍ ଲୁଟରେ ବିଫଳ ହେବା ପରେ ଭିତରେ ବ୍ୟାପକ ଭଙ୍ଗାରୁଜା କରିଥିଲେ। ପୋଲିସ ଏଟିଏମ୍ ନିକଟରେ ପହଞ୍ଚି ଦୁର୍ବୃତ୍ତମାନେ ଆସିଥିବା ଗାଡ଼ିକୁ ଗୋଡ଼ାଇଥିବା ବେଳେ ଘନ କୁହୁଡ଼ି ଯୋଗୁ ସେମାନେ କେଉଁ ଆଡ଼େ ଖସି ପଳାଇଯାଇଥିଲେ। ପୋଲିସ ଏହି ଏଟିଏମ୍ ଲୁଟ ଘଟଣାରେ ସାମିଲଥିବା ଦୁର୍ବୃତ୍ତଙ୍କୁ ଧରିବା ନିମନ୍ତେ ତନାଘନା ଆରମ୍ଭ କରିଛି। ସୂଚନାଯୋଗ୍ୟ, ୨୦୨୧ ଫେବୃଆରୀ ୨ ରାତିରେ ଏଟିଏମ୍ ତାଡ଼ି ଦୁର୍ବୃତ୍ତମାନେ ପ୍ରାୟ ୨୩ ଲକ୍ଷ ଟଙ୍କା ଲୁଟି ନେଇଥିବା ବେଳେ ପତ୍ରପୁର ଏଟିଏମ୍ ତାଡ଼ି ୧୬ ଲକ୍ଷ ଟଙ୍କା ଲୁଟି ନେଇଥିଲେ। ଏହି ଘଟଣାକୁ ୪ ବର୍ଷ ବିତିବାକୁ ବସିଥିବା ବେଳେ ପୋଲିସ ଦୁର୍ବୃତ୍ତଙ୍କ ଟେରପାଉନାହିଁ। ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରିବାକୁ ସାଧାରଣ ଲୋକ ଦାବି କରିଛନ୍ତି।

# ରାସ୍ତା ପାଇଁ ବ୍ଲକ ଘେରିଲେ ଆଦିବାସୀ

- ଜିଲାପାଳଙ୍କ ଜନଶୁଣାଣି ଚାଲିଥିଲା ବେଳେ ଘେରାଉ
- ରାସ୍ତା ପାଇଁ ୬ କୋଟି ବ୍ୟୟବରାଦ ସତ୍ତ୍ୱେ ତ୍ୱରାନ୍ୱିତ ହେଉନି କାମ
- ରାସ୍ତା ପାଇଁ ବନବିଭାଗ ଦେଉନି କ୍ଲିୟରାନ୍ସ
- ୨୪ ଗାଁର ଆଦିବାସୀ ଭୋଗୁଛନ୍ତି ଅଭିଶପ୍ତ ଜୀବନ

ନୟାଗଡ଼/ରଣପୁର,୨୦।୧(ଲୋକନାଥ ମିଶ୍ର/ସୁକାନ୍ତ କିଶୋର ଡାକୁଆ)


ବ୍ଲକ ଘେରାଉ କରିଥିବା ଆଦିବାସୀ।

ନୟାଗଡ଼ ଜିଲାର ରଣପୁର ବ୍ଲକରେ ସୋମବାର ଜିଲାପାଳଙ୍କ ଜନଶୁଣାଣୀ ଶିବିର ଚାଲୁଥିବାବେଳେ ରଣପୁର ବ୍ଲକ୍ ବନ୍ଧମୁଣ୍ଡା ପଞ୍ଚାୟତର ୨୪ ରାଜସ୍ୱ ଗାଁର ଆଦିବାସୀ ଓ ଦଳିତ ମହିଳାପୁରୁଷ ରାସ୍ତା ପାଇଁ ବ୍ଲକ୍ ଘେରାଉ କରିଥିଲେ। ଖବର ପାଇ ନୟାଗଡ଼ ଜିଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ରଣପୁର ବିଡିଓ ସୁଧିର ନାୟକ ପ୍ରମୁଖ ଆନ୍ଦୋଳନ ସ୍ଥଳକୁ ଆସି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଏପରିକି ରାସ୍ତା ପାଇଁ ବନବିଭାଗର କ୍ଲିୟରାନ୍ସ ତୁରନ୍ତ କରିବାକୁ ପ୍ରତିଶ୍ରୁତି ଦେବା ପରେ ପୂର୍ବାହ୍ନ ୧୧ଟାରେ ଆରମ୍ଭ ହୋଇଥିବା ଧାରଣା ଅପରାହ୍ନ ୩ଟାରେ ପ୍ରତ୍ୟାହୃତ ହୋଇଥିଲା। ତେବେ ରାସ୍ତା ପାଇଁ ୬ କୋଟି ଟଙ୍କା ମଞ୍ଜୁର ହୋଇ କାମ ଆରମ୍ଭ ହୋଇଥିବାବେଳେ ବନବିଭାଗର କ୍ଲିୟରାନ୍ସ ମିଳୁ ନ ଥିବାରୁ ୨୪ ଗାଁର ଆଦିବାସୀ ଓ ଦଳିତ ଲୋକ ଅଭିଶପ୍ତ ଜୀବନଯାପନ କରି ଆସୁଛନ୍ତି ବୋଲି ଅଭିଯୋଗ ହୋଇଛି।

ସୂଚନା ଅନୁଯାୟୀ, ବନ୍ଧମୁଣ୍ଡା ପଞ୍ଚାୟତର ୨୪ ଆଦିବାସୀ ଓ ଦଳିତ ସମ୍ପ୍ରଦାୟର ଲୋକ ବସବାସ କରୁଥିବା ଗାଁ ପାଇଁ ସବୁ ଦିନିଆ ରାସ୍ତା ନାହିଁ। ପାହାଡ଼ ଜଙ୍ଗଲରେ ରହଥିବା ଗାଁଗୁଡ଼ିକ ପାଇଁ ରାସ୍ତା ନ ଥିବାରୁ ଆଦିବାସୀ ଓ ଦଳିତ ଲୋକମାନେ ବିଶେଷ କରି ସ୍ୱାସ୍ଥ୍ୟକ୍ଷେତ୍ରରେ ସବୁବେଳେ ହଇରାଣ ହୋଇ ଆସୁଛନ୍ତି। ଗାଁକୁ ଆମ୍ବୁଲାନ୍ସ ଓ ଗାଡ଼ି ଆସି ପାରୁ ନ ଥିବାରୁ ଦୋଳାରେ ଗୁରୁତର ରୋଗୀଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଉଛି। ଏଭଳିସ୍ଥଳେ ଗତ ପଞ୍ଚାୟତ ଓ ସାଧାରଣ ନିର୍ବାଚନ ସମୟରେ ରାସ୍ତା ପାଇଁ ଭୋଟ ବର୍ଜନ କରିଥିଲେ। ଜିଲାପାଳଙ୍କ ବୁଝାଶୁଝା ପରେ ଭୋଟ ଦେଇଥିଲେ। ପରବର୍ତ୍ତୀ ପର୍ଯ୍ୟାୟରେ ଜିଲାପାଳଙ୍କ ପ୍ରତିଶ୍ରୁତି ଅନୁସାରେ ଜଗନ୍ନାଥପ୍ରସାଦଠାରୁ ବନ୍ଧମୁଣ୍ଡା ପ୍ରାୟ ୮ କିମି ରାସ୍ତା ପାଇଁ ୬ କୋଟି ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ମଞ୍ଜୁର ହୋଇଥିଲା। ଏହି ରାସ୍ତା ହେଲେ ବନ୍ଧମୁଣ୍ଡା ପଞ୍ଚାୟତର ସାନତୁଲୁବି, ବଡ଼ଚାକୁଣ୍ଡାଝର, ରାଆଁଳା, ନାଥପୁର ପରି ୨୪ ରାଜସ୍ୱ ଗାଁର ଆଦିବାସୀ ଓ ଦଳିତ ଲୋକ ଉପକୃତ ହୋଇଥାନ୍ତେ। ରାସ୍ତା ପାଇଁ ସର୍ଭେ ଶେଷ ପରେ ରାସ୍ତା କାମ ଆରମ୍ଭ ହୋଇଥିଲା। ମାତ୍ର ୨କିମି ରାସ୍ତା ନିର୍ମାଣ ହେବା ପରେ ୬କିମି ରାସ୍ତା ନିର୍ମାଣ ହୋଇ ପାରୁନାହିଁ। ପୁଣି ରାସ୍ତାରେ ୨ଟି କଲଭର୍ଟ କାମକୁ କେବଳ ଖୋଳାଯାଇ ପକାଇ ଦିଆଯାଇଛି। ଏଣୁ ଗାଁକୁ ପଡିଥିବା ଖାଲଖମା ରାସ୍ତା ବନ୍ଦ ହୋଇ ଯାଇଛି। ଅଧାପନ୍ତରିଆ ରାସ୍ତା ଯୋଗୁ ସ୍ୱାସ୍ଥ୍ୟ, ଶିକ୍ଷାରେ ବାଧକ ବଢ଼ିଛି। ପୁଣି ପଞ୍ଚାୟତକୁ ଯିବାରେ ଅସୁବିଧା ହେଉଛି। ପୁଣି ରାଶନ ଆଣିବା, ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ଆଣିବାରେ ଅସୁବିଧା ହେଉଛି। ଏଥିପାଇଁ ଉପରୋକ୍ତ ଅଞ୍ଚଳର ଲୋକମାନେ ଅଭିଶପ୍ତ ଜୀବନଯାପନ କରିବାକୁ ପଡୁଛି। ରାସ୍ତା ନିର୍ମାଣରେ ବିଳମ୍ବର କାରଣ ବୁଝିବାରେ ଜଣାପଡିଛି ୮କିମି ରାସ୍ତାରୁ ଚାକୁଣ୍ଡାଝରଠାରୁ ନାଥପୁର ପର୍ଯ୍ୟନ୍ତ ୨କିମି ଓ ନାଥପୁରଠାରୁ ସାନତୁଲୁବି ୫୦୦ ମିଟର ରାସ୍ତା ବନବିଭାଗର ରାସ୍ତାରେ ରହିଛି। ସମ୍ପୃକ୍ତ ରାସ୍ତା ପାଇଁ ବନବିଭାଗ କ୍ଲିୟରାନ୍ସ ଦେଉ ନାହିଁ। ଫଳରେ ଗାଁ ସଡ଼କ ଅଧାପନ୍ତରିଆ ହୋଇ ପଡି ରହିଥିବା ବନ୍ଧମୁଣ୍ଡା ପଞ୍ଚାୟତ ସରପଞ୍ଚ କଳ୍ପନା ପ୍ରଧାନ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ସଞ୍ଜୟ


@ ଶ୍ରୀକାନ୍ତ


@ ମନମୋହନ


@ ଗଙ୍ଗାଧର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ମଣିପୁରକୁ ହରାଇ ବରଗଡ଼ ଚାମ୍ପିୟନ


ଉଦ୍‌ଯାପନୀ ଉତ୍ସବରେ ମଞ୍ଚାସୀନ ଅତିଥି।

## ଦଶପଲ୍ଲା କପ ଫୁଟବଲ

ଦଶପଲ୍ଲା,୨୦।୧( ପ୍ରକାଶ କୁମାର ପାଣି)

ଗାନ୍ଧୀ ମଇଦାନରେ ଚାଲିଥିବା ସ୍ପୋର୍ଟିଭ ସ୍ପୋର୍ଟ ସୋସାଇଟିର ୨୫ତମ ଦଶପଲ୍ଲା କପ ଫୁଟବଲ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ୟୁଥ ଡେଭଲମେଣ୍ଟ କ୍ଲବ, ଇମ୍ଫାଲ, ମଣିପୁର ବନାମ ୟୁନାଇଟେଡ଼ ସ୍ପୋର୍ଟ କ୍ଲବ, ବରଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଶେଷ ପର୍ଯ୍ୟନ୍ତ ଖେଳ ଅମୀମାଂସିତ ରହିବାରୁ ଟାଇବ୍ରେକର ସହାୟତା ନିଆଯାଇଥିଲା। ଏଥିରେ ୟୁନାଇଟେଡ଼ ସ୍ପୋର୍ଟ କ୍ଲବ, ବରଗଡ ୪-୨ ଗୋଲରେ ବିଜୟୀ ହୋଇ ଦଶପଲ୍ଲା କପ୍ ଚମ୍ପିଆନ ଟ୍ରଫି ହାସଲ କରିଛି। ମଣିପୁରକୁ ରନର୍ସଅପ୍ ଟ୍ରଫି ପ୍ରଦାନ କରାଯାଇଛି।

ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଧାୟକ ରମେଶ ଚନ୍ଦ୍ର ବେହେରା, ବ୍ଲକ ଅଧ୍ୟକ୍ଷା ସୁନନ୍ଦା ସାହୁ, ଏନ୍‌ଏସି ଅଧ୍ୟକ୍ଷା ଇଂ. ପୁନମ ପ୍ରିୟଦର୍ଶିନୀ, ନୂଆଗାଁ ବ୍ଲକ ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ସମବାୟ ବିଭାଗ ଆଞ୍ଚଳିକ ପ୍ରବନ୍ଧକ ପ୍ରଭାତ କୁମାର ଜେନା, ସୋସାଇଟି ସଭାପତି କୁଞ୍ଜ ବିହାରୀ ମିଶ୍ର, ଉପସଭାପତି ଅନୀଲ କୁମାର ରାୟ, ସମ୍ପାଦକ ଭବାନୀ ପ୍ରସାଦ ମିଶ୍ର, କାର୍ଯ୍ୟକାରୀ ସଭାପତି ଦିଲୀପ କୁମାର ପଣ୍ଡାଙ୍କ ସମେତ ବହୁ ଅତିଥି ଉପସ୍ଥିତ ଥିଲେ। ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ତ୍ରିନାଥ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ କ୍ରୀଡ଼ାର ବିଭିନ୍ନ ବିଭାଗରେ ବହୁ ବ୍ୟକ୍ତିଙ୍କୁ ପୁରସ୍କୃତ କରାଯାଇଥିଲା। ଶ୍ୟାମ ସୁନ୍ଦର ସାହା , ଲାଇନ୍ସରେ ପ୍ରସନ୍ନ ନାୟକ ଓ ରବୀନ୍ଦ୍ର ନାୟକ ସହଯୋଗ କରିଥିଲେ। ଏହି ଅବସରରେ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା। ଏଥିସହ ସୋସାଇଟି ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ଭଲିବଲ, ବ୍ୟାଡମିଣ୍ଟନ, ମହିଳା ଫୁଟବଲ, ତାସ ଖେଳରେ ବିଜୟୀ ଦଳମାନଙ୍କୁ ଉତ୍ସବରେ ପୁରସ୍କୃତ କରାଯାଇଥିଲା। ପ୍ରତିଦିନ ପରି ଖେଳର ଶେଷ ଦିବସରେ ବହୁ କ୍ରୀଡ଼ାପ୍ରେମୀଙ୍କ ସମାଗମ ହୋଇଥିଲା।

# ସୁନା ବନ୍ଧକ ଋଣ ପାଇଁ ଆସିଥିବା ଯୁବକ ଠକାମିର ଶିକାର

## ୨ଜଣଙ୍କ ନାମରେ ମାମଲା ରୁଜୁ

ଖଣ୍ଡପଡ଼ା,୨୦।୧ (ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ଖଳିସାହି ଗ୍ରାମସ୍ଥିତ ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରେ ସୁନାଗହଣା ବନ୍ଧକ ରଖି ଟଙ୍କା ଋଣ ନେବା ପାଇଁ ଆସିଥିବା ଜଣେ ଯୁବକ ଠକାମୀର ଶିକାର ହୋଇଛନ୍ତି । ସମ୍ପୃକ୍ତ ଯୁବକ ହେଲେ ଖଣ୍ଡପଡ଼ା ବ୍ଲକ୍ ଅଧୀନ କିଆଝର ଗ୍ରାମର ସନ୍ତୋଷ କୁମାର ସ୍ୱାଇଁ । ଉକ୍ତ ବ୍ୟାଙ୍କ ଶାଖା ଅଧୀନରେ କାମ କରୁଥିବା ବଣିଆ ସୁବାସ ଚନ୍ଦ୍ର ସାଥୁଆ ସୁନା ଗହଣା ଯାଞ୍ଚ ଆଳରେ ସୁନା କାନଫୁଲର ଏକ ଝୁଲକୁ କାଟି ନେଇଥିବା ଅଭିଯୋଗ ହୋଇଛି । ବଣିଆ ସୁବାସ ସୁନା ଜିନିଷ ସବୁ ଯାଞ୍ଚ ବାହାନାରେ ଖଳିସାହି ଗ୍ରାମର ଏକ ସୁନାଗହଣା ଦୋକାନକୁ ଯାଇ ସୁନା ଜିନିଷ ଗୁଡିକ ଯାଞ୍ଚ କଲା ବେଳେ କାନଫୁଲର କିଛି ଅଂଶକୁ କାଟି ନେଇଥିବା ସନ୍ତୋଷ ଖଣ୍ଡପଡା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି । ସନ୍ତୋଷଙ୍କ ଲିଖିତ ଅଭିଯୋଗ ଆଧାରରେ ଖଣ୍ଡପଡା ପୋଲିସ ଖଳିସାହି ଗ୍ରାମର ବଣିଆ ସାଥୁଆ ଓ ତାଙ୍କୁ ସହଯୋଗ କରିଥିବା ସ୍ଥାନୀୟ ଅଞ୍ଚଳର ଜଣେ ସୁନାଗହଣା ବ୍ୟବସାୟୀଙ୍କ ନାମରେ ବିଭିନ୍ନ ଦଫାରେ ମାମଲା ରୁଜୁ କରିଛି । ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ ଘଟଣାରେ ହସ୍ତକ୍ଷେପ କରିବାକୁ ଦାବି ହୋଇଛି । ତେବେ ଏ ସମ୍ପର୍କରେ ବଣିଆ ସୁବାସ ଚନ୍ଦ୍ର ସାଥୁଆଙ୍କୁ ପଚାରିବାରେ ଅଭିଯୋଗର କୌଣସି ସତ୍ୟତା ନାହିଁ । ମୋ ଉପରେ ଆକ୍ରୋଶ ରଖି ସନ୍ତୋଷ ଥାନାରେ ଏପରି ମିଥ୍ୟା ଅଭିଯୋଗ ଆଣିଛନ୍ତି ବୋଲି ସେ କହିଛନ୍ତି ।

# ଶିଖରପୁରରେ ଧାନମଣ୍ଡି ଉଦ୍‌ଘାଟିତ

ଖଣ୍ଡପଡ଼ା,୨୦।୧(ଅଜୟ କୁମାର ମହାରଣା)

ଖଣ୍ଡପଡ଼ା ବ୍ଲକ ଅଧୀନ ଶିଖରପୁର ସେବା ସମବାୟ ସମିତି କାର୍ଯ୍ୟାଳୟରେ ସୋମବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ସମିତିର ସମ୍ପାଦିକା ରାଜଲକ୍ଷ୍ମୀ ସ୍ୱାଇଁ, ଡ଼ିଇଓ ମୁରଲିଧର ମୁଦୁଲି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବସନ୍ତ କୁମାର ପଣ୍ଡା, ଶିଖରପୁର ରାଜସ୍ୱ ନିରୀକ୍ଷକ ଇସାକ୍ ମଲିକ ଓ ସ୍ଥାନୀୟ ଅଞ୍ଚଳର ଚାଷୀମାନଙ୍କ ଉପସ୍ଥିତିରେ ପୂଜାର୍ଚ୍ଚନା କରାଯାଇଥିଲା। ଚଳିତବର୍ଷ ଶିଖରପୁର ସେବା ସମବାୟ ସମିତି ଅଧିନରେ ୩୪୮ ଜଣ ଚାଷୀ ଧାନ ବିକ୍ରୀ କରିବା ନିମନ୍ତେ ନାମ ପଞ୍ଜୀକରଣ କରିଥିବା ବେଳେ ଜୟ ବଜରଙ୍ଗି ରାଇସ୍ ମିଲର ସେଠାରୁ ଧାନ ସଂଗ୍ରହ ପାଇଁ ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଥିବା ସମବାୟ ସମିତିର ସମ୍ପାଦିକା କହିଛନ୍ତି।


ଅତିଥିମାନେ ଧାନମଣ୍ଡିକୁ ଉଦ୍‌ଘାଟନ କରୁଛନ୍ତି।

# ଚୋରା ମଦ ଜବତ, ୩ ଗିରଫ

ଦଶପଲ୍ଲା,୨୦।୧ ( ପ୍ରକାଶ କୁମାର ପାଣି)

ସୋମବାର ଦଶପଲ୍ଲା ଅବକାରୀ ଥାନା ତରଫରୁ ଚଢ଼ାଉ କରାଯାଇ ଚୋରା ଦେଶୀ ଏବଂ ବିଦେଶୀ ମଦ ଜବତ କରାଯାଇଛି । ଏହି ଘଟଣା ୩ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ବ୍ୟକ୍ତିମାନେ ହେଲେ ଅଖିଳ ନାୟକ, ପ୍ରହ୍ଲାଦ ପ୍ରଧାନ ଏବଂ ବୀରେନ୍ଦ୍ର ବେହେରା। ଏମାନେ ଚୋରା ମଦ ନେଇଯାଉଥିବା ଖବର ପାଇ ଅବକାରୀ ଅଧିକାରୀଙ୍କ ନେତୃତ୍ୱରେ ଅବକାରୀ ବିଭାଗ କର୍ମଚାରୀ ପ୍ରଦୀପ୍ତ ନାୟକ, ପ୍ରହ୍ଲାଦ ପ୍ରଧାନ ଏବଂ ଲକ୍ଷ୍ମୀ ମହାରଣା ପ୍ରମୁଖ ମଦ ଜବତ କରିଥିଲେ। ଅଖିଳଙ୍କ ପାଖରୁ ୧୫ ଲିଟର ଦେଶୀ ମଦ, ପ୍ରହ୍ଲାଦଙ୍କ ଠାରୁ ୩ ଲିଟର ୬ ଶହ ବିଦେଶୀ ଏବଂ ବୀରେନ୍ଦ୍ରଙ୍କ ଠାରୁ ୧୨ ଲିଟର ଦେଶୀ ମଦ ଜବତ କରାଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଥାନା ଅଧିକାରୀ ଭବାନୀ ଶଙ୍କର ବେହେରା ସୂଚନା ଦେଇଛନ୍ତି।

# ୨୨ରୁ ଓଡ଼ଗାଁ କପ୍ ଫୁଟବଲ ଟୁର୍ନାମେଣ୍ଟ

ଓଡ଼ଗାଁ,୨୦।୧ (ଆଦର୍ଶ କୁମାର ପଟ୍ଟନାୟକ )

ନୟାଗଡ଼ ଜିଲା ଓଡ଼ଗାଁ ଫୁଟବଲ ଆସୋସିଏଶନ ଦ୍ୱାରା ଆୟୋଜିତ ଷଷ୍ଠ ଓଡ଼ଗାଁ କପ୍-୨୦୨୫ ଫୁଟବଲ ଟୁର୍ନାମେଣ୍ଟ ଚଳିତ ମାସ ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ମିନିଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ଟୁର୍ନାମେଣ୍ଟରେ ଜଗା ୟୁନାଇଟେଡ଼ ଭୁବନେଶ୍ୱର, ଫ୍ରେଣ୍ଡସ ପାରାଡାଇଜ କ୍ଲବ ଜଟଣୀ, ଗରଦପୁର ଏଫ୍‌ସି-କଟକ, କିଶୋର କ୍ଲବ ଭୁବନେଶ୍ୱର, ମଙ୍ଗଳାକ୍ଲବ କଟକ ଏବଂ ସ୍ପୋର୍ଟସ ହଷ୍ଟେଲ କଟକ ଟିମ୍ ଅଂଶଗ୍ରହଣ କରିବେ। ୨୨ ଏବଂ ୨୩ ତାରିଖ ୨ ମ୍ୟାଚ ପରେ ୨୪ ଓ ୨୫ରେ ୨ଟି ସେମି ଫାଇନାଲ ଏବଂ ୨୬ରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ। ଆସୋସିଏଶନର ସଭାପତି ତଥା ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଏବଂ ସମ୍ପାଦକ ତଥା ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ଲୋକନାଥ ସାହୁଙ୍କ ସହିତ ଅନ୍ୟ କ୍ରୀଡ଼ାପ୍ରେମୀମାନେ ଏହି ଟୁର୍ନାମେଣ୍ଟର ସଫଳତା ପାଇଁ ଉଦ୍ୟମ ଜାରି ରଖିଛନ୍ତି । ପ୍ରତିଦିନ ଅପରାହ୍ନ ୩ଟାରେ ମ୍ୟାଚ୍ ଅନୁଷ୍ଠିତ ହେବ। ବ୍ଲକ ତଥା ଏନଏସିର ଜନସାଧାରଣ ଏହି ଟୁର୍ନାମେଣ୍ଟର ମଜା ଉଠାଇବାକୁ କମିଟି ତରଫରୁ ଅନୁରୋଧ କରାଯାଇଛି ।

## ଦେବଦତ୍ତ ମେମୋରିଆଲ ଭଲିବଲ ଟୁର୍ନାମେଣ୍ଟ

# ନାଟୁଗାଁ ଟିମ୍ ଚାମ୍ପିୟନ

ନୂଆଗାଁ,୨୦।୧(ଧନେଶ୍ୱର ସାହୁ)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ନୂଆଗାଁ ସରକାରୀ ପ୍ରାଥମିକ ବିଦ୍ୟାଳୟ ଖେଳପଡ଼ିଆଠାରେ ନୂଆଗାଁ ଭଲିବଲ ଆସୋସିଏଶନ ତରଫରୁ ଦେବଦତ୍ତ ମେମୋରିଆଲ ଏକଦିବସୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନାଟୁଗାଁ ଦଳ ଚାମ୍ପିୟନ ଟ୍ରଫି ହାସଲ କରିଛି । ଏହି ଟୁର୍ନାମେଣ୍ଟରେ ନୂଆଗାଁ, ନାଟୁଗାଁ, ଦଶପଲ୍ଲା, ବେଗୁନିଆ, ଇଟାମାଟି, ନୁଖାପଡା ନରସିଂହପୁର, ପୁରୀ କ୍ଲବ ଭଳି ୮ ଟିମ ଭାଗ ନେଇଥିଲେ। ଫାଇନାଲ ମ୍ୟାଚରେ ନାଟୁଗାଁ ଟିମ୍ ନରସିଂହପୁର ଟିମକୁ ଭେଟିଥିବା ବେଳେ ଏଥିରେ ନାଟୁଗାଁ ଟିମ ୨୧ ସେଟରେ ଜିତିଛି। ଟୁର୍ନାମେଣ୍ଟରେ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା, ନୂଆଗାଁ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଶଙ୍କର୍ଷଣ ବେହେରା, ପୂର୍ବତନ ସମିତି ସଭ୍ୟ ରମେଶ ଚନ୍ଦ୍ର ପ୍ରଧାନ, ପ୍ରକାଶ କୁମାର ନାୟକ, ଦୀପକ କୁମାର ପରିଡା ପ୍ରମୁଖ ଯୋଗ ଦେଇଥିଲେ । ଜନ୍ମେଜୟ ଲେଙ୍କା, ପ୍ରଦୀପ କୁମାର ଖଣ୍ଡୁଆଳ, ବିନୟ କୁମାର ପରିଡ଼ା ପ୍ରମୁଖ ଖେଳକୁ ପରିଚାଳନା କରିଥିଲେ । ନୂଆଗାଁ ଭଲିବଲ ଆସୋସିଏଶନର ସଭାପତି କାଳୁଚରଣ ସେଠୀ, ସ୍ୱପ୍ନେନ୍ଦୁ କୁମାର ପ୍ରଧାନ, ସନ୍ତୋଷ କୁମାର ପ୍ରଧାନ, ଅଶ୍ୱିନୀ କୁମାର ପ୍ରଧାନ, ରକି ଡାକୁଆ ପ୍ରମୁଖ ଉକ୍ତ ଟୁର୍ନାମେଣ୍ଟକୁ ଆୟୋଜନ କରିଥିଲେ।


ଖେଳାଳିଙ୍କ ଗହଣରେ ଅତିଥିଗଣ।

# ମଣିଷଙ୍କ ପ୍ରକୃତ ରୂପକୁ ବର୍ଣ୍ଣନା କଲା ନାଟକ ଚିତ୍ର ପ୍ରତିମା

## ସିରିୟସ ଜୋନ୍ ନାଟକ ମହୋତ୍ସବ ଉଦ୍‌ଯାପିତ

ନୟାଗଡ଼,୨୦।୧(ଲୋକନାଥ ମିଶ୍ର)

ନୟାଗଡ଼ ପଠାଣି ସାମନ୍ତ ପ୍ରେକ୍ଷାଳୟଠାରେ ୪ ଦିନ ଧରି ଚାଲୁ ରହିଥିବା ନାଟକ ମହୋତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। ସିରିୟସ ଜୋନ୍ ଆନୁକୂଲ୍ୟରେ ଅନୁଷ୍ଠିତ ନାଟକ ମହୋତ୍ସବ ଶେଷ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ଜଳସେଚନ ବିଭାଗ ଅବସରପ୍ରାପ୍ତ ସର୍ବୋଚ୍ଚ ଯନ୍ତ୍ରୀ ସରୋଜ କୁମାର ପଟ୍ଟନାୟକ, ଅବସରପ୍ରାପ୍ତ ଫିଲ୍ମ ସେନସର ବୋର୍ଡ଼ର ଅବସରପ୍ରାପ୍ତ ଆଞ୍ଚଳିକ ନିର୍ଦ୍ଦେଶକ ଗୋପାଳକୃଷ୍ଣ ମହାପାତ୍ର, ଅବସରପ୍ରାପ୍ତ ନିର୍ବାହୀ ଯନ୍ତ୍ରୀ ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ଅନୁଷ୍ଠାନର ସଭାପତି କିଷାନ ଦାଶ ଏବଂ ସମ୍ପାଦକ ଜାମିନକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଶେଷ ସନ୍ଧ୍ୟାରେ ନାଟ୍ୟକାର ଗୌରହରି ଦାଶଙ୍କ ନାଟକ 'ଚିତ୍ର ପ୍ରତିମା' ମଞ୍ଚସ୍ଥ ହୋଇଥିଲା। ବରିଷ୍ଠ ନାଟ୍ୟ ନିର୍ଦ୍ଦେଶକ ପବିତ୍ର ମହାନ୍ତିଙ୍କ ନିର୍ଦ୍ଦେଶନାରେ ମଞ୍ଚସ୍ଥ ନାଟକକୁ ଦର୍ଶକମାନେ ଉପଭୋଗ କରିଥିଲେ। ନାଟକ ଚିତ୍ର ପ୍ରତିମା ମଣିଷମାନଙ୍କ ପ୍ରକୃତ ରୂପକୁ ଦେଖାଇବାରେ ଖୁବ୍ ସମର୍ଥ ହୋଇଥିଲା।ସବୁ ମଣିଷର ଗୋଟେ ଅନ୍ଧାରି ପାର୍ଶ୍ୱ ଅଛି, ଯେମିତି ଅଛି ଗୋଟେ ଆଲୋକିତ ପାର୍ଶ୍ୱ । ମଣିଷ ଆଲୋକିତ ପାର୍ଶ୍ୱକୁ ସବୁଠି ଦେଖାଇ ଥାଏ, ମାତ୍ର ଅନ୍ଧାରି ପାର୍ଶ୍ୱ କାହାରିକୁ ଦେଖାଏ ନାହିଁ । ଆମେ କେହି ବି ଦେଖାଉନା । କାରଣ, ଆମେ ସମସ୍ତେ ଅନ୍ୟ ଆଗରେ ବଡ ଦିଶିବା ପାଇଁ ଚାହୁଁ, ଛୋଟ ଦିଶିବା ପାଇଁ ନୁହେଁ । କୌଣସି ମଣିଷ ଦୋଷଶୁନ୍ୟ ନୁହେଁ, କି ପରିପୂର୍ଣ୍ଣ ନୁହେଁ । ଏହା ସତ୍ତ୍ୱେ ବି ଘର ବାନ୍ଧିବା ପାଇଁ ସମସ୍ତଙ୍କ ପାଖରେ କିଛି ସାଧାରଣ ଗୁଣ ଅଛି । ତାକୁ ହିଁ ନେଇ ସଂସାର ଚଳା ଯାଏ । ସବୁ ମଣିଷ ଗୋଟେ ଗୋଟେ ଚିତ୍ର ପ୍ରତିମା । ଯେମିତି ଦଶହରାର ଦୁର୍ଗାମେଢ଼ । ଉପରୁ ଦେଖିଲେ ସୁନେଲି ଜରିମଢ଼ା ଶାଢୀ, ରଙ୍ଗମଖା ଉଜ୍ଜଳ ଚେହେରା, ପଛପଟୁ ଦେଖିଲେ କାଦୁଅ, ନଡାର ସୁତୁଲି ବନ୍ଧା ଛାଞ୍ଚ । ଚିତ୍ର ପ୍ରତିମା ପରି ଦିଶୁଥିବା ମଣିଷ ବି ସେମିତି । ଉପରଟା ଖୁବ୍ ସୁନ୍ଦର, କିନ୍ତୁ ଭିତରଟା ଚିରି ଦେଖିଲେ ନାରଖାର। କଥାକାର ଗୌରହରି ଦାସଙ୍କ ଲିଖିତ ଏହି ନାଟକକୁ ନିର୍ଦ୍ଦେଶନା ଦେଇଥିଲେ ପବିତ୍ର ମହାନ୍ତି। ବିଭିନ୍ନ ଚରିତ୍ରରେ ମମତା ତ୍ରିପାଠୀ, ପବିତ୍ର ମହାନ୍ତି, ସରିତା ପ୍ରଧାନ ଓ ରାକେଶ ମହାନ୍ତି ଅଭିନୟ କରିଥିଲେ।


ନାଟକ ଚିତ୍ରପ୍ରତିମାର ଏକ ଦୃଶ୍ୟ।

